Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 34
Tuesday, 7 April 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୭ ଅପ୍ରେଲ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ
ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ହାଜତ ମୃତ୍ୟୁ ଘଟଣାରେ ୯ଜଣ ପୋଲିସ କର୍ମଚାରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ନୂଆଦିଲ୍ଲୀ, ୬/୪(ନ୍ୟୁ.ଏ): ଏକ ବଡ଼ ଖବର ସାମ୍ନାକୁ ଆସିଛି । ସାରା ଦେଶରେ ଏହି ଘଟଣା ଏବେ ଚଞ୍ଚଳ ପକାଇଛି । କାରଣ ଏଭଳି ଦଣ୍ଡ ପୋଲିସ କର୍ମଚାରୀଙ୍କୁ ଆଗରୁ କେବେ ଦିଆଯାଇ ନ ଥିଲା । ୨୦୨୦ ମସିହାର ଏହି ଘଟଣା ଅତ୍ୟନ୍ତ ବିରଳ ବୋଲି ହାଇକୋର୍ଟ କହିଛି । ଏହାକୁ ନେଇ ସବୁଠି ଆଲୋଚନା ଜୋର ଧରିଛି । ତାମିଲନାଡୁର ମଦୁରାଇ ଜିଲ୍ଲାର ଏକ କୋର୍ଟ ସୋମବାର ଦିନ ଥୁଥୁକୁଡି ଜିଲ୍ଲାରେ ବ୍ୟବସାୟୀ ପି ଜୟରାଜ ଏବଂ ତାଙ୍କ ପୁଅ ଜେ ବେନିକ୍ସଙ୍କ ହାଜତ ମୃତ୍ୟୁ ଘଟଣାରେ ନଅ ଜଣ ପୋଲିସ କର୍ମଚାରୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି, ଯାହା ଛଅ ବର୍ଷ ପୂର୍ବେ ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟି କରିଥିଲା । ହାଜତ ନିର୍ଯାତନା ଜୁନ୍ ୧୯, ୨୦୨୦ରୁ, ଯେତେବେଳେ ଜୟରାଜ ଏବଂ ବେନିକ୍ସ, ଯେଉଁମାନେ ଏକ ମୋବାଇଲ୍ ଦୋକାନ ଚଳାଉଥିଲେ, ସେମାନଙ୍କୁ ଲକଡାଉନ୍ ସମୟରେ ଅନୁମତି ପ୍ରାପ୍ତ ସମୟରୁଣ୍ଡ ଅଧିକ ସମୟ ପର୍ଯ୍ୟନ୍ତ ସେମାନଙ୍କ ଦୋକାନ ଖୋଲା ରଖିବା ଅଭିଯୋଗରେ ଗିରଫ କରାଯାଇଥିଲା, ପରେ

ଏକ ଗାଡି ମିଥ୍ୟା ବୋଲି ଜଣାପଡିଥିଲା । ଦୁଇଜଣଙ୍କୁ ସଥାକୁଳମ୍ ପୋଲିସ ଷ୍ଟେସନକୁ ନିଆଯାଇଥିଲା ଏବଂ ପରେ ବିଗର ତିଲାମୀୟ ହାଜତକୁ ପଠାଯାଇଥିଲା । କିଛି ଦିନ ମଧ୍ୟରେ ଉଭୟଙ୍କ ମୃତ୍ୟୁ ହୋଇଥିଲା । ସମ୍ପର୍କୀୟମାନେ ପରେ ଅଭିଯୋଗ କରିଥିଲେ ଯେ ପୋଲିସ ଷ୍ଟେସନରେ ଗାଡିସାରା ସେମାନଙ୍କୁ ଆକ୍ରମଣ କରାଯାଇଥିଲା, ଯେଉଁଥିରେ ମନଦ୍ୱାରରୁ ଉତ୍ତପ୍ତାନ୍ତ ଏବଂ ଗୁରୁତର ଶାରୀରିକ ନିର୍ଯାତନା ଦିଆଯାଇଥିଲା । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ, ଯାହା ପରେ ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟର CB-CID ଠାରୁ ତଦନ୍ତ ବାଗିଡ଼ି ନେଇଥିଲା, ଏହି ମାମଲାରେ ୧୦ ଜଣ ପୋଲିସ କର୍ମଚାରୀଙ୍କୁ ଗିରଫ କରିଥିଲା । ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ଜଣେ ଜୁନିୟର୍ ସବ୍-ଇନ୍‌ସପେକ୍ଟର ଏବଂ ଆଉ ସବୁ କନେଷ୍ଟବଳ ଥିଲେ । ପରବର୍ତ୍ତୀ ସମୟରେ ଏଜେନ୍ସି ଅଭିଯୁକ୍ତ ଅଧିକାରୀଙ୍କ ବିରୁଦ୍ଧରେ ହତ୍ୟା ଅଭିଯୋଗ ଆଣିଥିଲା । ତଦନ୍ତ ସମୟରେ, ଜଣେ ମହିଳା କନଷ୍ଟେବଳଙ୍କ ସାକ୍ଷ୍ୟ ଦେଇ ତଦନ୍ତକାରୀଙ୍କୁ କହିଥିଲେ ଯେ ଡାଡାରାଡି ବାଡା ଏବଂ ପୁଅଙ୍କୁ ଆକ୍ରମଣ କରାଯାଇଥିଲା ଏବଂ ଷ୍ଟେସନରେ ଚେତୁକ ଏବଂ ଲାଠିରେ ବିଦ୍ଧାପ ରାୟ । ସେହିପରି ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟରୁ ନିର୍ବାଚିତ ରାଜ୍ୟସଭା ସାଂସଦମାନେ ବି ଶପଥ ନେଇଛନ୍ତି । ପଶ୍ଚିମବଙ୍ଗ, ତାମିଲନାଡୁ ରାଜ୍ୟସଭା ସଦସ୍ୟ ଶପଥ ନେଇଛନ୍ତି । ଏନସିପି ନେତା ଶରଦ ପାୱାର, କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେ ଏବଂ ଡିଏମକେର ତିରୁଚି ସେରା ଶପଥ ନେଇଛନ୍ତି । ମାର୍ଚ୍ଚ ୧୬ରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ବାଜି ମାରିଥିଲେ ବିଜେପିର ମନମୋହନ ସାମଲ, ସୁଜିତ କୁମାର, ବିଜେଡିର ସଂଘୁପ୍ତ ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ବିଦ୍ଧାପ ରାୟ । କଂଗ୍ରେସ ଓ ବିଜେଡି ମିଳିତ ପ୍ରାର୍ଥୀ ଦତେଶ୍ୱର ହୋତା ବିଜୁପିରେ ଠାରୁ ପରାଜିତ ହୋଇଥିଲେ । ପ୍ରଥମ ପସନ୍ଦ ଭୋଟରେ ମନମୋହନ ସାମଲ ୩୫, ସୁଜିତ କୁମାର ୩୫ ଓ ସଂଘୁପ୍ତ ମିଶ୍ର ୩୧ ଖଣ୍ଡ ଭୋଟ ମିଳିଥିଲା । ପ୍ରଥମ ପସନ୍ଦ ଭୋଟରେ ବିଜେପିର ମନମୋହନ, ସୁଜିତ ଓ ସଂଘୁପ୍ତ ବିଜୟୀ ହୋଇଥିଲେ । ତେବେ ୪ଟି ଆସନ ପାଇଁ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତେଶ୍ୱର ହୋତା ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବିଜୁପି ରାୟ ମଧ୍ୟରେ ଲଢେଇ ହୋଇଥିଲା । ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତେଶ୍ୱର ହୋତାଙ୍କୁ ୨୩ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ମିଳିଥିଲା । ସେହିପରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବିଜୁପି ରାୟଙ୍କୁ ମଧ୍ୟ ୨୩ ଖଣ୍ଡ ଭୋଟ ମିଳିଥିଲା । କିନ୍ତୁ ବିଧାୟକଙ୍କ ଦ୍ୱିତୀୟ ପସନ୍ଦ ଭୋଟରେ ବିଜୁପି ବାଜି ମାରିଥିଲେ । ଦତେଶ୍ୱର ପରାଜୟ ହୋଇଥିଲେ ।

ଶପଥ ନେଲେ ଓଡ଼ିଶାର ୩ ରାଜ୍ୟସଭା ସାଂସଦ

ନୂଆଦିଲ୍ଲୀ, ୬/୪(ନ୍ୟୁ.ଏ): ଶପଥ ନେଲେ ଓଡ଼ିଶାର ୩ ରାଜ୍ୟସଭା ସାଂସଦ । ଓଡ଼ିଆରେ ଶପଥ ନେଲେ ୩ ରାଜ୍ୟସଭା ସାଂସଦ ମନମୋହନ ସାମଲ, ବିଜୁପ ରାୟ ଓ ସଂଘୁପ୍ତ ମିଶ୍ର । ଆସାମ ନିର୍ବାଚନରୁ ଫେରିଲେ ଶପଥ ନେବେ ସୁଜିତ କୁମାର । ବିଜେପିରୁ ମନମୋହନ ଏବଂ ସୁଜିତ ନିର୍ବାଚନ ଜିତିଥିଲେ । ବିଜେଡିରୁ ସଂଘୁପ୍ତ ମିଶ୍ର ଜିତିଥିଲେ । ସ୍ୱାଧୀନ ଭାବେ ରାଜ୍ୟସଭାକୁ ବାଜି ମାରିଥିଲେ ବିଜେପିର ମନମୋହନ ସାମଲ, ସୁଜିତ କୁମାର, ବିଜେଡିର ସଂଘୁପ୍ତ ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ବିଜୁପ ରାୟ । କଂଗ୍ରେସ ଓ ବିଜେଡି ମିଳିତ ପ୍ରାର୍ଥୀ ଦତେଶ୍ୱର ହୋତା ବିଜୁପିଠାରୁ ପରାଜିତ ହୋଇଥିଲେ । ପ୍ରଥମ ପସନ୍ଦ ଭୋଟରେ ମନମୋହନ ସାମଲ ୩୫, ସୁଜିତ କୁମାର ୩୫ ଓ ସଂଘୁପ୍ତ ମିଶ୍ର ୩୧ ଖଣ୍ଡ ଭୋଟ ମିଳିଥିଲା । ପ୍ରଥମ ପସନ୍ଦ ଭୋଟରେ ବିଜେପିର ମନମୋହନ, ସୁଜିତ ଓ ବିଜେଡିର ସଂଘୁପ୍ତ ବିଜୟୀ ହୋଇଥିଲେ । ତେବେ ୪ଟି ଆସନ ପାଇଁ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତେଶ୍ୱର ହୋତା ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବିଜୁପ ରାୟ ମଧ୍ୟରେ ଲଢେଇ ହୋଇଥିଲା । ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତେଶ୍ୱର ହୋତାଙ୍କୁ ୨୩ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ମିଳିଥିଲା । ସେହିପରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବିଜୁପ ରାୟଙ୍କୁ ମଧ୍ୟ ୨୩ ଖଣ୍ଡ ଭୋଟ ମିଳିଥିଲା । କିନ୍ତୁ ବିଧାୟକଙ୍କ ଦ୍ୱିତୀୟ ପସନ୍ଦ ଭୋଟରେ ବିଜୁପ ବାଜି ମାରିଥିଲେ । ଦତେଶ୍ୱର ପରାଜୟ ହୋଇଥିଲେ ।

ସିଇସିଙ୍କ ବିରୋଧରେ ମହାଭିଯୋଗ ଖାରଜ



ନୂଆଦିଲ୍ଲୀ, ୬/୪(ନ୍ୟୁ.ଏ): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ୧୯୩ ସାଂସଦଙ୍କ ଦ୍ୱାରା ଆଣିତ ମହାଭିଯୋଗ ପ୍ରସ୍ତାବକୁ ଖାରଜ କରି ଦିଆ ଯାଇଛି । ରାଜ୍ୟସଭାର ବାଚସ୍ପତି ପ୍ରସ୍ତାବର ସତ୍ୟ ବିରୋଧ ନିରାପେକ୍ଷ ଭାବେ ମୂଲ୍ୟାଙ୍କନ କରିଥିଲେ । ବିଚାରପତି (ଡବଲ୍ସ) ଆଜନର କ୍ଷମତାକୁ ପ୍ରୟୋଗ କରି ଏହାକୁ ଖାରଜ କରିଛନ୍ତି । ବର୍ତମାନ ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ସୁରକ୍ଷିତ ରହିଛି । ମାର୍ଚ୍ଚ ୧୨ ତାରିଖରେ ରାଜ୍ୟସଭାରେ ଆଗତ ହୋଇଥିବା ଏହି ପ୍ରସ୍ତାବ ଉପରେ ରାଜ୍ୟସଭାର ଅଧ୍ୟକ୍ଷ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସମସ୍ତ ପ୍ରାସଙ୍ଗିକ ଦିଗ ଏବଂ ପ୍ରସଙ୍ଗଗୁଡ଼ିକୁ ନିରପେକ୍ଷ ଭାବରେ ମୂଲ୍ୟାଙ୍କନ କରିବା ପରେ, ଅଧ୍ୟକ୍ଷ ବିଚାରପତି (ଡବଲ୍ସ) ଆଜନ, ୧୯୬୮ର ଧାରା ୩ ଅନୁଯାୟୀ ତାଙ୍କ କ୍ଷମତା ବ୍ୟବହାର କରି, ଏହାକୁ ସ୍ୱୀକାର କରିବାକୁ ମନା କରିଦେଇ ଥିଲେ । ଏହି ନିଷ୍ପତ୍ତି ପରେ ସ୍ପଷ୍ଟ ହୋଇଛି ଯେ, ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ଜାରି ରହିବ ଏବଂ ତାଙ୍କ ବିରୁଦ୍ଧରେ ଆଗକୁ ଆଉ କୌଣସି ମହାଭିଯୋଗ ପ୍ରକ୍ରିୟା ଚାଲିବ ନାହିଁ । ଏହି ପଦକ୍ଷେପ ସମ୍ବିଧାନ ଓ ନିର୍ବାଚନ ପ୍ରକ୍ରିୟାର ସ୍ୱାଧୀନତାକୁ ଦୃଢ଼ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଉଲ୍ଲେଖନୀୟ ଯେ, ବିରୋଧୀ ଦଳ ଲୋକସଭା ଓ ରାଜ୍ୟସଭାରେ ନୋଟିସ୍ ଦାଖଲ କରିଥିଲେ । ଏଥିରେ ମୁଖ୍ୟ ନିର୍ବାଚନ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦବୀରୁ ଇସ୍ତୋଫା ଦାବି କରାଯାଇଥିଲା । ବିରୋଧୀ ତାଙ୍କ ଉପରେ ପକ୍ଷପାତପୂର୍ଣ୍ଣ ଆଚରଣର ଅଭିଯୋଗ ଆଣି ଥିଲେ । ତାଙ୍କ ବିରୁଦ୍ଧରେ ସାତଟି ଗୁରୁତର ଅଭିଯୋଗ ଆଗତ କରାଯାଇଥିଲା, ଯେଉଁଥିରେ କାର୍ଯ୍ୟାଳୟରେ ପକ୍ଷପାତପୂର୍ଣ୍ଣ ଏବଂ ଭେଦଭାବପୂର୍ଣ୍ଣ ଆଚରଣ, ଅବଜ୍ଞାଚରଣ, ନିର୍ବାଚନ ଜାଲିଆତି ଏବଂ ଭୋଟଦାନ ଅଧିକାରରୁ ବଂଚିତ କରିବା ଭଳି ଅଭିଯୋଗ ଅନ୍ତର୍ଭୁକ୍ତ ।

ବିଜେଡିରୁ ନିଲମ୍ବିତ ହେଲେ ମଣ୍ଡଳ ଦମ୍ପତି

ଭଦ୍ରକ, ୬/୪ (ଆ.ପ୍ର) : ଭଦ୍ରକରେ ବିଜେଡି ନେତା ତଥା ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ତାଙ୍କ ପତ୍ନୀ ତଥା ପୂର୍ବତନ ଭଦ୍ରକ ଜୋନପରିଷଦ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କୁ ଆଜି ବିଜେଡି ଦଳରୁ ନିଲମ୍ବିତ କରାଯାଇଛି । ଦଳର ରାଜ୍ୟ ଉପ ସଭାପତି ପ୍ରଭାତ ଜେନା ଆଜି ତାଙ୍କୁ ନିଲମ୍ବିତ କରିଛନ୍ତି ।

ବିଜେଡିଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମଣ୍ଡଳ ଦମ୍ପତି ଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରାଯାଇଛି । ମୁକ୍ତି ଓ ମଞ୍ଜୁଲଙ୍କୁ ବିଜେଡିରୁ ନିଲମ୍ବନ କରାଯିବା ପଛରେ ଅନେକ କଥା ଏବେ ଚର୍ଚ୍ଚା ହେଉଛି । ଗତ କିଛି ଦିନ ଧରି ମୁକ୍ତି ଓ ମଞ୍ଜୁ ବିଜେପିର ନିକଟତର ହେଉଥିଲେ, ଏଣୁ ବିଜେଡିରେ ତାଙ୍କୁ କଣଠେସା କରାଯାଇଥିଲା । କୌଣସି ବଡ଼ଦଳ କାର୍ଯ୍ୟକ୍ରମରେ ତାଙ୍କୁ ଆଉ ଆଉ ଭଳି ଡକାଯାଉନଥିଲା । ମଣ୍ଡଳ ଦମ୍ପତିଙ୍କ ବିଜେପିର ନିକଟତର ହେବାକୁ ବିଜେପିର ସ୍ଥାନୀୟ ଏକ ଗୋଷ୍ଠୀ ତୀବ୍ର ବିରୋଧ ମଧ୍ୟ କରୁଛନ୍ତି । ଏହା ସତ୍ତ୍ୱେ ଯେତେବେଳେ ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କ ବୁଢ ପତ୍ର କୁଲୁ ଓ କୁଲୁଙ୍କ ସମେତ ଭଦ୍ରକ ଜିଲ୍ଲାର ୪ ବୁଲ୍ ଅଧ୍ୟକ୍ଷ ବିଜେଡି ଛାଡ଼ି ବିଜେପିରେ ଯୋଗଦେଲେ ସେତେବେଳେ ମୁକ୍ତି ଓ ମଞ୍ଜୁ ମଧ୍ୟ ବିଜେପିରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ସେମାନେ ଯୋଗ ଦେଇନଥିଲେ । ପରବର୍ତ୍ତୀ ସମୟରେ, ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ବିଜେପିରେ ଯୋଗଦେବା ସମୟରେ ମଣ୍ଡଳ ଦମ୍ପତି ବିଜେପିରେ ମିଶିବେ ବୋଲି ଆଲୋଚନା ହେଉଥିଲା । ଏହି ଆଲୋଚନାର ମଧ୍ୟ ସାନି ଅବସାନ ଘଟିଥିଲା । ତେବେ ବର୍ତମାନ ଏହି କିଛି ଦିନ ହେଲା ମୁକ୍ତି ଓ ମଞ୍ଜୁ ଭଦ୍ରକ ଓ ଭୁବନେଶ୍ୱର ଛାଡ଼ି ଦିଲ୍ଲୀରେ ତେରା ପଳାଇଛନ୍ତି । ଏବେ ସବୁଠୁ ଜିରା ଜାର ଚର୍ଚ୍ଚା ହେଉଛି ମଣ୍ଡଳ ଦମ୍ପତି ଏକ ମାସ ସୁଦ୍ଧା ବିଜେପିରେ ଯୋଗଦେଲେ ପାରନ୍ତି । ଏମିତି ଚର୍ଚ୍ଚା ଏବେ ମୁକ୍ତି ଙ୍କ ସମର୍ଥକଙ୍କ ମଧ୍ୟରେ ଜୋରଦାର ଚର୍ଚ୍ଚା ହେଉଛି । ମୁକ୍ତି ଓ ମଞ୍ଜୁଙ୍କ ପାଇଁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକପ୍ରକାର ସବୁଜ ସଂକେତ ଦେଇସାରିଛନ୍ତି । କେନ୍ଦ୍ରୀୟ ବିଜେପି ନେତା ମଧ୍ୟ ସବୁଜ ସଂକେତ ମିଳିଥିବା ନେଇ ଚର୍ଚ୍ଚା ହେଉଛି । ମାତ୍ର ଶେଷ ସୁଦ୍ଧା ମିଶ୍ରଣ ପର୍ବ ହୋଇପାରେ ବୋଲି ମଣ୍ଡଳ ଦମ୍ପତିଙ୍କ ସମର୍ଥକ ଗୋଷ୍ଠୀ କହୁଛନ୍ତି ।

୧୪ ବିଶ୍ୱବିଦ୍ୟାଳୟ ନିମନ୍ତେ କୁଳପତି ନିଯୁକ୍ତ

ଭୁବନେଶ୍ୱର, ୬/୪ (ଆ.ପ୍ର) : ରାଜ୍ୟପାଳ ତଥା କୁଳାଧିପତିଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାର ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ କରିଛନ୍ତି । ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଲଳିତ ବିଶ୍ୱବିଦ୍ୟାଳୟ ନିମନ୍ତେ ପ୍ରଫେସର ବଣୀ ପ୍ରସାଦ ନନ୍ଦ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ ନିମନ୍ତେ ପ୍ରଫେସର ଅଜିତ କୁମାର ରାୟ ମହାପାତ୍ର, ଫକୀର ମୋହନ ବିଶ୍ୱବିଦ୍ୟାଳୟ ନିମନ୍ତେ ସନ୍ତୋଷ କୁମାର ତ୍ରିପାଠୀ । ଧରଣୀଧର ବିଶ୍ୱବିଦ୍ୟାଳୟ ନିମନ୍ତେ ପ୍ରଫେସର ସଞ୍ଜୟ କୁମାର ପାତ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ନିମନ୍ତେ ବେଦାନଶେଷ ତ୍ରିପାଠୀ, ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିମନ୍ତେ ପ୍ରଫେସର ଅସୀମା ସାହୁ, ମା'ମାଣିଲେଶ୍ୱରୀ ବିଶ୍ୱବିଦ୍ୟାଳୟ ନିମନ୍ତେ ପ୍ରଫେସର ପବନ କୁମାର ଅଗ୍ରୱାଲ, ମଧୁସୂଦନ ଆଚନ ମହାବିଦ୍ୟାଳୟ ନିମନ୍ତେ ପ୍ରଫେସର ଶିବରାମ ତ୍ରିପାଠୀ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ବିଶ୍ୱବିଦ୍ୟାଳୟ ନିମନ୍ତେ ପ୍ରଫେସର ମାନେନ୍ଦ୍ର କୁମାର ମହାନ୍ତି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଫେସର ବିଭୂତି ଭୂଷଣ ମଲିକ, ରମାଦେବୀ ମହିଳା ମହାବିଦ୍ୟାଳୟ ପ୍ରଫେସର ଜ୍ୟୋତ୍ସ୍ନା କେ ବି ରାଉତ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ବିନ୍ଦମ ଦେବ ବିଶ୍ୱବିଦ୍ୟାଳୟ ପ୍ରଫେସର ହୃଷିକେଶ ସେନାପତି, ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ।

ଆଜାଦନଗର ବିସ୍ଫୋରଣ ଘଟଣା : ତଦନ୍ତ କରିବ ଏନଆଇଏ

ଭୁବନେଶ୍ୱର, ୬/୪ (ଆ.ପ୍ର) : ରାଜଧାନୀ ଆଜାଦନଗର ବିସ୍ଫୋରଣ ଘଟଣାର ଏନଆଇଏ ତଦନ୍ତ କରିବ । ବିସ୍ଫୋରଣ ଘଟଣା, ଅପରାଧିକ ଲିଙ୍କ, ଆତଙ୍କି ହମଲା ସମ୍ପର୍କିତ ତଦନ୍ତ କରିବ ଏନଆଇଏ । ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଡା ଆଜାଦ ନଗରରେ ହୋଇଥିଲା ଭୟଙ୍କର ବିସ୍ଫୋରଣ । ମୁଖ୍ୟ ଅଭିଯୁକ୍ତ ସେଲେନ୍ଦ୍ରାଙ୍କ ମଲ୍ଲିକ ଓରଫ ମଫି ଓ ତା' ମା'ଙ୍କର ବିଜିସାଧାନ ଅବସ୍ଥାରେ ମୃତ୍ୟୁ ଘଟିଛି । ପରେ ଏ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତର ପୂର୍ବ ଭାର କମିଶନରେଟ ପୁଲିସ ଠାରୁ ହାତକୁ ନେଇଛି । ଏହି ତଦନ୍ତ ପ୍ରକ୍ରିୟା ବେଳେ ଜବତ ହୋଇଥିବା ବିସ୍ଫୋରକ ଆତଙ୍କିବାଦର ବାଦବାଜ, ମଫି ଓ ଆନ୍ତରାଜ୍ୟ ଲିଙ୍କ, ପୂର୍ବର ଅପରାଧିକ ମାମଲା ସମ୍ପର୍କରେ ହୋଇପାରେ ଅଧିକ ଖୋଜତାଡ଼ । ଠିକ ସେହିଠାରେ ଏତେ ପରିମାଣର ଆତଙ୍କିବାଦ ଲୋଗିଠାରେ ବ୍ୟବହାର ହୋଇଥିଲା ଏ ସମ୍ପର୍କରେ ଅଧିକ ଖୋଜତାଡ଼ କରିବା ପାଇଁ ଏନଆଇ ଲୋକଙ୍କୁ ପଚରାଉଚରା ଜାରି ରଖିଛି ଏନଆଇଏ । ଏପରିକି ମୁଖ୍ୟ ଅଭିଯୁକ୍ତ ତଥା ମୃତ ମୁଫିର ଗାର୍ଲଫ୍ରେଣ୍ଡଙ୍କୁ ଅଧିକ ପଚରାଉଚରା କରୁଛି ଏନଆଇଏ । ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱର ଏୟାରପୋର୍ଟ ଥାନା ଅନ୍ତର୍ଗତ ନିୟୁ ଆଜାଦନଗରରେ ବୋମା ବିସ୍ଫୋରଣ ସମୟରେ ଏହି ବିସ୍ଫୋରଣ ଘଟିଥିଲା । ଏଥିରେ ମୁଖ୍ୟ ଅଭିଯୁକ୍ତ ସେଲେନ୍ଦ୍ରାଙ୍କ ସମେତ ତାଙ୍କ ଭାଇବାଇ, ମାଆ ଓ ବନ୍ଧୁ ଅମୀତ ମଲ୍ଲିକ ଆହତ ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ମୁଖ୍ୟ ଅଭିଯୁକ୍ତ ସେଲେନ୍ଦ୍ରାଙ୍କ ଏବଂ ତାଙ୍କ ମାଆଙ୍କ ମୃତ୍ୟୁ ଘଟିଥିଲା ।

ଭୋଟର ତାଲିକା ଜାରି କରିବାକୁ ସୁପ୍ରିମକୋର୍ଟଙ୍କ ଦିନିକିଆ ମହଲତ

ନୂଆଦିଲ୍ଲୀ, ୬/୪(ନ୍ୟୁ.ଏ): ପଶ୍ଚିମବଙ୍ଗର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଭୋଟର ତାଲିକା ଅପଡେଟ ପ୍ରକ୍ରିୟା ଶେଷ କରିବାକୁ ଗୁରୁବାର ୨୪ ଘଣ୍ଟାର ସମୟସୀମା ଧାର୍ଯ୍ୟ କରିଛନ୍ତି ସୁପ୍ରିମକୋର୍ଟ । ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବାର ସମୟସୀମା ଆଜି ଥିଲା । ସୋମବାର ଚୂଡ଼ାନ୍ତ ଭୋଟର ତାଲିକାର ପ୍ରକାଶ ପାଇବାଆନ୍ତା । କିନ୍ତୁ ଏବେ ବି ୨୬ ଲକ୍ଷର ଅଭିଯୋଗ ଉପରେ କୌଣସି ନିଷ୍ପତ୍ତି ନିଆଯାଇ ପାରି ନଥିବା ନିର୍ବାଚନ କମିଶନ କହିବା ପରେ ସୁପ୍ରିମକୋର୍ଟ ଆଜି ୨୪ ଘଣ୍ଟାର ମହଲତ ଦେଇଛନ୍ତି । କୋର୍ଟ ନିଜ ନିର୍ଦ୍ଦେଶରେ କହିଛନ୍ତି ଯେ "ଆସନ୍ତାକାଲି ସୁଦ୍ଧା ଚୂଡ଼ାନ୍ତ ସପ୍ତମେଂବାରୀ ଭୋଟର ତାଲିକା ପ୍ରକାଶ କରିବାକୁ ଭାରତୀୟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଉଛି । ସମସ୍ତ ଅଭିଯୋଗର ଯାଂଚରେ ଡିଜିଟାଲ ଦସ୍ତଖତ

ନଥିଲେ ମଧ୍ୟ ତାଲିକା ପ୍ରକାଶ କରାଯିବ ।" ସର୍ବୋଚ୍ଚ ଅଦାଲତ କ୍ୟାଲକାଟା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ୩ ଜଣ ପୂର୍ବତନ ଜଜଙ୍କୁ ନେଇ ଗୋଟିଏ ପ୍ୟାନେଲ ଗଠନ କରିବାକୁ କହିଛନ୍ତି । ଏହା ଦ୍ୱାରା ଆପେଲେଟ ଟ୍ରିବ୍ୟୁନାଲ ଦ୍ୱାରା ହତା ଯାଇଥିବା ନାଁଗୁଡ଼ିକ ବିରୋଧ ଆବେଦନର ନିର୍ଯ୍ୟତ ନେବାର ପ୍ରକ୍ରିୟା ନିର୍ଦ୍ଧାରିତ ହୋଇପାରିବ । ସୁପ୍ରିମକୋର୍ଟ କହିଛନ୍ତି, "ସମସ୍ତ ପ୍ରକାରର ସ

ସମସ୍ତଙ୍କ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ବିଦ୍ୟାଭାରତୀ ଶିଶୁମନ୍ଦିରର ପୁରସ୍କାର ବିତରଣ ଉତ୍ସବ

ଜଗତସିଂହପୁର, ୬/୪ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଚରୋଲ ବ୍ଲକ ପତିଲୋ ପଂଚାୟତ ମହିଳୋ ଗ୍ରାମରେ ଥିବା ବିଦ୍ୟାଭାରତୀ ଶିଶୁମନ୍ଦିରର ୨୨ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସାହିତ୍ୟିକ ପ୍ରତୀପ୍ତ କୁମାର ପାଲଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍, ଲୋକନୃତ୍ୟ ବଳ ଉଦ୍‌ଘାଟକ, ଜୋତିଆଁ ସାଧନ ଲେନ୍ଦ୍ରର ପ୍ରଞ୍ଜନ ସଂଯୋଜକ ପ୍ରଭାସ କୁମାର ରଥ ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡ଼େମୀର ସମ୍ମାନିତ ସାହିତ୍ୟିକ ତଥା ନବଜାଳକି ପତ୍ରିକାର ସମ୍ପାଦକ ତତ୍ତ୍ୱର ସୁରେନ୍ଦ୍ର ନାଥ ତ୍ରିପାଠୀ ମୁଖ୍ୟବକ୍ତା, ଅଧ୍ୟାପକ ତ୍ରିଲୋଚନ ସାହୁ ଏବଂ ଶିକ୍ଷୟିତ୍ରୀ ତଥା କବୀ ମନୋରମା ଦାଶ ବିଶିଷ୍ଟ ଅତିଥି ରୂପେ ଯୋଗଦାନ କରି ନାନା ଉଦାହରଣ ଜରେ ଛାତ୍ରଛାତ୍ରୀମାନଙ୍କୁ ଭଲମଣିଷ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଦୁଷାର କୁମାର ମାଝି ମଂଚାସୀନ ଥିଲାବେଳେ ମୋନାଲିସା ମହାରଣା ଏବଂ ଅମିତା ଦାସ ଜଗନ୍ନାଥ ଭଜନ ଗାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତେଜିରାଣୀ ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ବିଦ୍ୟାଳୟର ବିବରଣୀ କରିଥିଲେ । ଅତିଥିଗଣ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ତ୍ରୁଟି ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଗୁରୁମା କମଳ କୁମାରୀ ମହାରି, ମୋନାଲିସା ଦାଶ, ମାନଶା ରାଉତ ଏବଂ ସରସ୍ୱତୀ ସାହୁ ସମସ୍ତ ସହଯୋଗ କରିଥିଲେ । ଅଭି ରାଉତ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଅଭିଭାବିକାମାନେ ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭି ନାଟକ, ନୃତ୍ୟ, ସମୂହ ସଙ୍ଗୀତ ଆଦି ପରିବେଷଣ କରି ଉପସ୍ଥିତ ଜନତାଙ୍କ ମନମୋହି ନେଇଥିଲେ ।

ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ବଣାଇଁ, ୬/୪ (ଆ.ପ୍ର) : ସୁନ୍ଦରଗଡ଼ ଜିଲ୍ଲାର ଚିକାଳଡପାଲି ଥାନା ପୋଲିସ ଅନ୍ତର୍ଗତ ବଲୁଜିହିଡ଼ି ନିକଟରେ ଏକ ମୋଟର ସାଇକେଲ ଦୁର୍ଘଟଣାରେ ଜଣେ ଯୁବକଙ୍କ ଜୀବନ ଯାଇଥିବା ବେଳେ ଅନ୍ୟ ତିନିଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଜାଲୁପାଲି ଗାଁର ଚାରିଜଣ ଯୁବକ ଦୁଧିପାଲି ଛକରୁ ଗୋଟିଏ ମୋଟର ସାଇକେଲରେ ସୁନ୍ଦରଗଡ଼ ବଜାର ଦେଇ ଯାଉଥିବାବେଳେ ଗୋଟିଏ ବାଇକରେ ୪ଟି ଜଣ ବସିଥିବାରୁ ବାଇକ୍ ଚାଳକ ନିୟନ୍ତ୍ରଣ ହରାଇଥିବାରୁ ବାଇକ ଟି ଏକ ଛୋଟ ପୋଲ ତଳକୁ ପଶିଯାଇଥିଲା । ଭାଙ୍ଗାରୁ ପୋଲର ଦୂରତା ପ୍ରାୟ ୧୫ ଫୁଟରୁ ଊର୍ଦ୍ଧ୍ୱ ଥିବାରୁ ଚାରି ଜଣଯାକ ପୋଲ ତଳକୁ ପଡି ଗୁରୁତର ଭାବେ ଆହତ ହୋଇଥିଲେ । କିଛି ପ୍ରତ୍ୟକ୍ଷଦର୍ଶୀ ଚିକାୟତପାଲି ପୋଲିସ ଥାନା ଖବର ଦେବାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ସମସ୍ତ ଆହତମାନଙ୍କୁ ପୋଲିସ ଗାଡିରେ ବଣାଇଁ ଉପଶାଖ ଡାକ୍ତରଖାନାକୁ ନେଇଥିଲେ । ଡାକ୍ତରଖାନାରେ ପହଂଚିବା ପରେ ଡାକ୍ତର ଜଣେ ଯୁବକଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଗୁରୁତର ଆହତଙ୍କ ଅବସ୍ଥା ଗୁରୁତ୍ୱ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଯାଇଥିବା ସୂଚନା ମିଳିଛି । ମୃତ ବ୍ୟକ୍ତି ଏବଂ ଗୁରୁତର ଥିବା ବ୍ୟକ୍ତିଙ୍କର ସଂପୂର୍ଣ୍ଣ ପରିଚୟ ମିଳିନଥିବା ବେଳେ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି ।

ଉଦୟନାଥ ଏକାଡେମୀର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ

ପୁରୀ, ୬/୪ (ଆ.ପ୍ର) : ଗୋପାଳପୁର ଗାଲିଗାଟ ସ୍ଥିତ ଶିଶୁ ଶିକ୍ଷାନୁଷ୍ଠାନ ଉଦୟନାଥ ଏକାଡେମୀର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁପୂର୍ଣ୍ଣା ରଙ୍ଗମଂଚ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟସଭା ସାଂସଦ ସୁଲାଶିଶ ଖୁଂଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଡାକ୍ତର ଅମ୍ବାଳିକା ଜ୍ୟୋତି ମହାନ୍ତି, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ର ପ୍ରାକ୍ତନ ଅଧ୍ୟକ୍ଷ ତତ୍ତ୍ୱର ପ୍ରଭାକର ତ୍ରିପାଠୀ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଚାରୁଲତା ମିଶ୍ର, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ଏବଂ ଶିକ୍ଷା ସଂଗଠକ କବିରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପିଲାଦିନ ସମସ୍ତଙ୍କର ପ୍ରିୟ । ମଣିଷ ଯେତେ ବଡ଼ ହେଉଛେନି ତା' ଜିବନେ ପିଲାଦିନ କୁଆଡ଼େ ଯାଏ ନାହିଁ । ବିଦ୍ୟାଳୟ ହେଉଛି ଏକ ବିକଳ୍ପ ଘର । ପିଲାମାନେ ପ୍ରିୟଜନଙ୍କୁ ଛାଡ଼ି ବିଦ୍ୟାଳୟ ରେ ଯେତିକି ସମୟ ରୁହନ୍ତି ସେ ସମୟ ଅମୂଲ୍ୟ । ପିଲାମାନେ ଆନନ୍ଦ ଅନ୍ୱେଷଣ କରି, ବିଲୋର ହୁଅ ଜୀବନର ସନ୍ଧାନରେ । ପିଲାମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ, ଭଲ ମଣିଷ ହେବା ପାଇଁ ଏବଂ ଶାରୀରିକ ଓ ମାନସିକ ଭାବରେ ସୋମାନେ ପ୍ରସ୍ତୁତ ହେବା ପାଇଁ ଅତିଥି ମାନେ ସୁନ୍ଦର ସୁନ୍ଦର ପରାମର୍ଶ ପ୍ରଦାନ କରିଥିଲେ । ପରିଚାଳନା କମିଟି ସଭାପତି ରଣ୍ଜି ସଂଜିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସମ୍ପାଦିକା ସମ୍ମିତା ସ୍ୱାଇଁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଉପ ସଭାପତି ଦିନେଶ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷା ସୁଜାତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ଓ ତ୍ରୁଫି ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତେତ ସ୍ୱାଗତ ସଂଗୀତ, ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଦେଶାତ୍ମବୋଧ ନୃତ୍ୟ, ଭଜନ ନୃତ୍ୟ ଆଦି ବିଚାରାର୍ଥକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସରୋଜ କୁମାର ମହାନ୍ତି ମଂଚ ସଂଚାଳନ କରିଥିବାବେଳେ ସୁରେଶା ଜେନା, ଚନ୍ଦ୍ରଶେଖର ପାଢ଼ୀ, ପୁଷ୍ପାଞ୍ଜଳି ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ହଜପ୍ରିୟା ନାୟକ, ପିଙ୍କି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରିୟ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ପାଳନ

ଖଣ୍ଡପଡ଼ା, ୬/୪ (ଆ.ପ୍ର) : ଖଣ୍ଡପଡ଼ା ସହରର ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରିୟ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ପାଳନ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିସା ନାୟକ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଙ୍କ ପୁତ୍ର କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ବିଜୟ ଚନ୍ଦ୍ର ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ନାୟକ, ପ୍ରଦୀପ୍ତ କୁମାର ସାହୁ, ମାନସ ମୋହନ ମିଶ୍ରଙ୍କ ସମେତ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖଟୁଆ, ବିଶ୍ୱାସ ପ୍ରଧାନ ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବରେ ଯୋଗଦେଇଥିବା ଛୁଟି ଛୁଟି ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଉପସ୍ଥିତ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ଗିତ, ରପ ଓ ଖେଳ ମାଧ୍ୟମରେ ଗୁଣାତ୍ମକ ଶିକ୍ଷାଦାନ ଦିଆ ଯାଇପାରିବ, ଏହା ଓଡ଼ିଶା ସରକାରଙ୍କ ର ଏକ ଅଭିନବ ପ୍ରୟାସ ବୋଲି ମଂଚାସୀନ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ମଂଚ ପରିଚାଳନାରେ ଶିକ୍ଷକ ପ୍ରତାପ କୁମାର ବେହେରା, ପ୍ରଭାସ କୁମାର ସାହୁ, ମାନସ ମୋହନ ମିଶ୍ରଙ୍କ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ପଟନଗୁରୁ, ସାଂସଦଙ୍କ ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ ପ୍ରମୁଖ ଯୋଗ ଦେଇଥିଲେ । ବେଦେ ଏହି ଉତ୍ସବ ମାଧ୍ୟମରେ ଛୁଟି ଛୁଟି ପିଲାମାନଙ୍କୁ କିପର ଶିକ୍ଷା ବାଟିକାରେ ସାମିଲ କରାଯାଇ ଶିକ୍ଷା ପ୍ରତି ଆକୃଷ୍ଟ କରିବାପାଇଁ ଗିତ, ରପ ଓ ଖେଳ ମାଧ୍ୟମରେ ଗୁଣାତ୍ମକ ଶିକ୍ଷାଦାନ ଦିଆ ଯାଇପାରିବ, ଏହା ଓଡ଼ିଶା ସରକାରଙ୍କ ର ଏକ ଅଭିନବ ପ୍ରୟାସ ବୋଲି ମଂଚାସୀନ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି ।

ଚୂଡ଼ାନ୍ତ ପର୍ଯ୍ୟାୟରେ 'ରାବଣ ବଧ' ପ୍ରସ୍ତୁତି

ଦଶପଲ୍ଲା, ୬/୪ (ଆ.ପ୍ର) : ଐତିହାସିକ ତଥା ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ମୁଖ୍ୟ ଆକର୍ଷଣ 'ରାବଣ ବଧ' ପାରମ୍ପରିକ ଗାଡି ନାଡି ଓ ପରମ୍ପରା ଅନୁଯାୟୀ ମାଙ୍ଗଳ ଗାଡି - ବୁଧ ପାହାନ୍ତି ଆଧାରରେ ଆସନ୍ତା କାଲି ଅର୍ଥାତ୍ ମଙ୍ଗଳବାର ଦିନ ଅନୁଷ୍ଠିତ ହେବ । ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ତୁଙ୍ଗ ହୋଇଛି । ଯାତ୍ରା କମିଟି ଓ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳାର ସହ ଯାତ୍ରା ସମ୍ପାଦନ ପାଇଁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଛି । ମନ୍ଦାବାର କ୍ଷେତ୍ର ଏଥିପାଇଁ ଉନ୍ନତ ଆଲୋକ ମାଳା ଓ ତୋରଣର ଝଲସୁଛି । ୩୫ ଫୁଟ ଉଚ୍ଚତା ବିଶିଷ୍ଟ ଲଙ୍କା ନିର୍ମିତ ଚଳନ୍ତଶମ ରାବଣ, ପୁଷ୍ପକ ବିମାନ ସହିତ ସୁସଜ୍ଜିତ ଶୋଭାଯାତ୍ରା ଗାଡ଼ୀ ମଳବାନ ପର୍ଯ୍ୟନ୍ତ ଯାଇ ଘାଟପାଦ ଡାଇଡୋଡ଼ ଅସିଗାର ସମସ୍ତ ବ୍ୟବସ୍ଥା କରାଯାଇଛି । ଇତିମଧ୍ୟରେ ଯାତ୍ରା ଓ ସ୍ଥାୟୀ -ଅସ୍ଥାୟୀ ଦୋକାନ ବଜାର ସାଜାଇ କହୁଦିନ ମଜୋରାଞ୍ଜନ କାର୍ଯ୍ୟକ୍ରମର ମଜା ଉଠାଇବା ପାଇଁ ଦଶପଲ୍ଲାକୁ ଦିନିନ୍ଦୁ ପ୍ରବାସୀଙ୍କ ଫୁଲ ହୁଡ଼ିଛି । ସହସ୍ରାଧିକ ଗାଡି ତମାମ କହୁଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ବଡ଼ କଥା ହେଲା, ସୋମବାର ଅପରାହ୍ନରେ ଜାଳଦେଖିଶାର ପ୍ରକାର ଯାତ୍ରା ଉପରେ ପଡିଥିଲେ ହେଁ, ସବୁ କିଛି ଠିକ୍ ଠାକ୍ ହୋଇ ପ୍ରସ୍ତୁତି ତୁଙ୍ଗ ଜରାଯାଇଥିବା ଜଣାପଡିଛି । ସୂଚନା ଅନୁସାରେ ଜାଳ ବେଶିଶାର ଷ୍ଟେଡୋଫୋନରେ ଗୋଟ ଭୁଡ଼ିକ ଲାଗିଯୁଡି ଯାଇଥିବା ଜଣାପଡିଛି ।

ପାପଡାହାଣ୍ଡି ବରିଷ୍ଠ ନାଗରିକ ସଂଘର ବୈଠକ ଅନୁଷ୍ଠିତ

ପାପଡାହାଣ୍ଡି, ୬/୪ (ଆ.ପ୍ର) : ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ପାପଡାହାଣ୍ଡି ସ୍ଥିତ ଶ୍ରୀ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣଠାରେ ପାପଡାହାଣ୍ଡି ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ନବରଙ୍ଗପୁର ବରିଷ୍ଠ ନାଗରିକ ସଂଘର ସଭାପତି ତଥା ରାଜ୍ୟ ଉପସଭାପତି ଡ଼ଃ. ରାଧାନାଥ ବେହେରା, ନବରଙ୍ଗପୁର ବରିଷ୍ଠ ନାଗରିକ ସଂଘ ଉପସଭାପତି ଶ୍ରୀ ଚନ୍ଦ୍ର କୁମାର ଆଚାର୍ଯ୍ୟ ଓ ସମ୍ପାଦକ ଶ୍ରୀ ରାମମୂର୍ତ୍ତି ପଟ୍ଟନାୟକ ଉପସ୍ଥିତ ରହି ପାପଡାହାଣ୍ଡି ବରିଷ୍ଠ ନାଗରିକ ସଂଘ ର ଉପସ୍ଥିତ ସଭ୍ୟ ମାନଙ୍କୁ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ ଏବଂ ସୋମାନଙ୍କ ଉପସ୍ଥିତରେ ପାପଡାହାଣ୍ଡି ବରିଷ୍ଠ ନାଗରିକ ସଂଘର ନୂତନ କମିଟି ଗଠନ କରାଗଲା ଏଥିରେ ଶ୍ରୀ ଲଣ୍ଡର ଚନ୍ଦ୍ର ପଟ୍ଟନାୟକଙ୍କୁ ସଭାପତି, ବି. ଜନମୋହନ ରାଉତ୍‌ଙ୍କୁ ଉପସଭାପତି, ଶ୍ରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କୁ ସମ୍ପାଦକ, ଶ୍ରୀ ନରସିଂହ ପାଢ଼ୀଙ୍କୁ ସହ-ସମ୍ପାଦକ, ଶ୍ରୀ ସୁରେଶ ଚନ୍ଦ୍ର ମିଶ୍ରଙ୍କୁ କୋଷାଧ୍ୟକ୍ଷ ଏବଂ ଉପଦେଷ୍ଟା ମଣ୍ଡଳୀ ସଭ୍ୟଭାବେ ଶ୍ରୀ ନାରାୟଣ ଚନ୍ଦ୍ର ଜୁଲୁ ଏବଂ ଶ୍ରୀ ଦୁର୍ଗା ଚରଣ ଦାଶ, କାର୍ଯ୍ୟକାରୀ ସଦସ୍ୟ ଭାବେ ଶ୍ରୀ ମିତ୍ରଭାନୁ ଦାସ, ଶ୍ରୀ ବଂଶୀଧର ମହାପାତ୍ର, ଶ୍ରୀ କୁମାର ସାମନ୍ତ, ଶ୍ରୀ ସୁବାସ ଚନ୍ଦ୍ର ଚର୍ଚ୍ଚି, ଶ୍ରୀ ସିମାଂଚଳ ପାଢ଼ୀ, ଶ୍ରୀ ପ୍ରଫୁଲ୍ଲ କୁମାର ଜୁଏଲ, ଶ୍ରୀ ଇଭ୍ରାହିମ ଖାନ, ଶ୍ରୀ ଦାମୁଦେବ ନାୟକ, ଶ୍ରୀ ଶିବପ୍ରସାଦ ଅଗ୍ରୱାଲ, ଶ୍ରୀ ଶଙ୍କର ବିଶୋଇ, ଶ୍ରୀ ସୁବାସ ଚନ୍ଦ୍ର ସଂଚାଙ୍କୁ ମନୋନୀତ କରାଗଲା । ଆଜିର ବୈଠକରେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

"ଓଡ଼ିଆ ପକ୍ଷ" ପାଳନ ଅବସରରେ ରାୟଗଡ଼ ପୌର ପରିଷଦ ପକ୍ଷରୁ ପ୍ରେମ୍ ପାହାଡ଼ ପରିସରରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ



ରାୟଗଡ଼, ୬/୪ (ଆ.ପ୍ର) : ରାୟଗଡ଼ ଜିଲ୍ଲା ସଂସ୍କୃତି ବିଭାଗର ପତ୍ର ସଂଖ୍ୟା ୯୪୯ ତା ୩୦.୦୩.୨୦୨୬ ଅନୁସାରେ, ସମଗ୍ର ଜିଲ୍ଲାରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' କହୁ ଆଡ଼ମ୍ବରରେ ପାଳିତ ହେଉଛି । ଏହି ପରିପ୍ରେକ୍ଷୀରେ ଆଜି ରାୟଗଡ଼ ପୌରପରିଷଦ ପକ୍ଷରୁ ସ୍ଥାନୀୟ ପ୍ରେମ୍ ପାହାଡ଼ ପର୍ଯ୍ୟଟନ ସ୍ତମ୍ଭାଗାରେ ଏକ ବୃହତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାୟଗଡ଼ ପୌର ପରିଷଦର ଅଧ୍ୟକ୍ଷ ଶ୍ରୀ ପି. ମହେଶ ପଟ୍ଟନାୟକ ଏବଂ ନିର୍ବାହୀ ଅଧିକାରୀ ଶ୍ରୀ କୁଳଦୀପ କୁମାର ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା କାର୍ଯ୍ୟର ନେତୃତ୍ୱ ନେବା ସହ ସହରବାସୀଙ୍କୁ ପରିବେଶ ସୁରକ୍ଷା ଓ ଓଡ଼ିଆ ଅସ୍ମିତାର ବାର୍ତ୍ତା ଦେଇଥିଲେ । ଏହି ଅଭିଯାନରେ ପୌର ପରିଷଦର ସମସ୍ତ ଧ୍ୟାନ କାଉନସିଲର, ଜିଲ୍ଲା ସ୍ଥାୟୀ ପଦାଧିକାରୀ, ପୌର କର୍ମଚାରୀ, ସ୍ୱଚ୍ଛ ସାଥୀ, ସୁପରଭାଇଜର ଏବଂ ସଫେଇ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗ ଦେଇଥିଲେ । ସହରର ବରିଷ୍ଠ ନାଗରିକ, ଯୁବକୀ କ୍ଲବର ସଦସ୍ୟ, ବିଭିନ୍ନ ସାମାଜିକ ସଂଗଠନର କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଶ୍ରମଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । "ଓଡ଼ିଆ ପକ୍ଷ" ପାଳନ ଅବସରରେ ଆମର ଐତିହ୍ୟ ଓ ପର୍ଯ୍ୟଟନ ସ୍ଥାନଗୁଡ଼ିକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଉଦ୍ଦେଶ୍ୟରେ ଆଜିର ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗରୁ ଯୋଗଦେଇଥିବା ନାଗରିକ ତଥା ସଫେଇକର୍ମୀ ମାନଙ୍କୁ ପୌରାଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସାଧୁବାଦ ଜଣାଇଥିଲେ । ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୁଳଦୀପ କୁମାର ଉପସ୍ଥିତ ଜନସାଧାରଣଙ୍କୁ ପ୍ରେମ ପାହାଡ଼ ଭଳି ଏକ ପ୍ରାକୃତିକ ସୁନ୍ଦାର୍ଯ୍ୟ ସୁଷ୍ଠିକ ମୁଲ୍ୟ ଏବଂ ପରିଷ୍କାର ରଖିବା ପାଇଁ ଅନୁରୋଧ କରିଥିଲେ । ସମସ୍ତଙ୍କ ମିଳିତ ସହଯୋଗରେ ଏହି ସ୍ୱଚ୍ଛତା ଅଭିଯାନ ଏକ ବଡ଼ ସଫଳତା ଭାବେ ପରିଣତିତ ହୋଇଛି ।

ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବଣାଇଁ, ୬/୪ (ଆ.ପ୍ର) : ବଣାଇଁ ବ୍ଲକ କେନ୍ଦ୍ରିକଳା ପଂଚାୟତ ଅଧିନସ୍ଥ ବାଡୁ କୁମ୍ଭାଗାଁ ସ୍ଥିତ ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ମାର୍ଗ ଦର୍ଶାକା ଅନୁଯାୟୀ ୨୦୨୬/୨୭ ଶିକ୍ଷା ବର୍ଷ ପାଇଁ ଶନିବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ନବମ ଶ୍ରେଣୀର ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ନୂତନ ଶିକ୍ଷାର୍ଥୀ ମାନଙ୍କୁ ଫୁଲ ବନ୍ଦନ ଦେଇ ସ୍ୱାଗତ କରାଯାଇବା ସହ ପାଠ୍ୟପୁସ୍ତକ ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉତ୍ତରବନ୍ଧୁ ଦେଓ ଯୋଗ ଦେଇଥି

ଆରମ୍ଭ

SEITHO ARAMBHA

ମଙ୍ଗଳବାର, ୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ

ନୀଳଗିରି, ୦୬/୦୪(ଆ.ପ୍ର) : ନୀଳଗିରି ବ୍ଲକ୍ ଜାମୁଡିହା ଫଂଗାୟତ ବାସମରା ଗାଁର ତଳସାହିରେ ରବିବାର ଅପରାହ୍ନ ପ୍ରାୟ ୨.୩୦ସମୟରେ ବିଦ୍ୟୁତ୍ ସର୍ଟସର୍କିଟ ଜାରଶୁ ଲାଗିଥିବା ନିଆଁରେ ୭ଜଣଙ୍କର ଘର ସଂପୂର୍ଣ୍ଣ ଜଳିଯାଇ ପ୍ରଭୂତ କ୍ଷତି ହୋଇଯାଇଥିଲା । ନୀଳଗିରି ତହସିଲଦାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଆର ଆର ମନୋଜ । କୁମାର ବେହେରା ସର୍ଜମିନ୍ ତଦନ୍ତକରି କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ପଲିଥିନ ସହିତ ଶୁଖିଲାଖାଦ୍ୟ ପ୍ରଦାନ କରିଥିଲେ । ବାଲେଶ୍ୱର ଜିଲ୍ଲାପାଳ ମଧ୍ୟ ତିନିଦିନ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରିଥିଲେ । ଭୂତଗାପାଲ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆଜି ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟିବାସହିତ ସାହାଯ୍ୟର ହାତବଢ଼ାଇ ଥିଲେ । ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ କରି କିପରି ପ୍ରତି ପରିବାରର ୧ଲକ୍ଷ ଟଙ୍କାର ନିଶ୍ଚିତ ଅନୁଦାନ ପାଇବେ ସେଥିପ୍ରତି ଦୃଷ୍ଟିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିସହିତ ସ୍ଥାନୀୟ ଜନସାଧାରଣ ଏହି ଅଗ୍ନିବିପନ୍ନ ପରିବାରଙ୍କୁ ଅଲୁଣ୍ଠ ସାହାଯ୍ୟ କରିବାକୁ ନିବେଦନ କରିଥିଲେ ।

ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର, ୦୬/୦୪(ଆ.ପ୍ର) : ଆଜି ସକାଳ ଘ: ୭.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୨୭ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ସମ୍ପର୍କ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୧୧ ଗୋଟି ବ୍ୟକ୍ତିଗତ ଏବଂ ୧୦ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୬ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଇଁ ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୨୧ ଗୋଟି ଅଭିଯୋଗର ତତ୍ତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ପ୍ରତ୍ୟୁଷ ବିଦ୍ୟାରଥ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ସଂଗମ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶିବ ମାଳବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ସଫଳତାର ସହିତ ଅନୁଷ୍ଠିତ ହେଲା ଐତିହ୍ୟ ପଦଯାତ୍ରା

ବାଲେଶ୍ୱର, ୦୬/୦୪(ଆ.ପ୍ର) : ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ୧୪ତମ ସଂସ୍କରଣ ଗତକାଲି ରବିବାର ଦିନ ସଫଳତାର ସହିତ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଐତିହ୍ୟାନୁରାଗୀମାନେ ଚନମାଳୀପୁର ଓଣ୍ଡଶୁଣି ପାଠର ଘାରଜୁଳା ଡାମୁଣ୍ଡା, ପଣସପଡ଼ାର ଲଗବତୀ ମନ୍ଦିର ଓ ନାଶିବର ଖଣ୍ଡେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ସେଠାରେ ଅବସ୍ଥିତ ପ୍ରାଚୀନ କୈନ, ବୌଦ୍ଧ ଓ ହିନ୍ଦୁ ଧର୍ମସମ୍ବନ୍ଧୀୟ ବିଭିନ୍ନ ମୂର୍ତ୍ତିମାନଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା । ପଦଯାତ୍ରାରେ ପ୍ରାଚୀନ ମୂର୍ତ୍ତି ସୁରକ୍ଷା ଏବଂ ଅଂଚଳର ଐତିହ୍ୟ ପ୍ରଚାର ଓ ସଂରକ୍ଷଣର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ପ୍ରାୟ ୨୫ ଜଣ ଐତିହ୍ୟପ୍ରେମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସଂଯୋଜକ ଶ୍ରୀଜାନ୍ତ ସିଂହଙ୍କ ନେତୃତ୍ୱରେ ବିଶ୍ୱରଞ୍ଜନ ଦେହୁରୀ, ଭଗବାନ ଦାଶ, ଶଙ୍କାଙ୍କ ଶେଖର ପଣ୍ଡା, ତ୍ରିଲୋଚନ ସ୍ୱାଇଁ, ସମିତ ସିଂହ, ଦେବାଶିଷ ପାତ୍ର, ନୀଳାମ୍ବରି, ଋତିରଞ୍ଜନ ପଣ୍ଡା, ବିକାଶ ଚନ୍ଦ୍ର ସ୍ୱାଇଁ, ଗଣେଶ କୁମାର, ଶୁଭମ, ଲୁକନ ଓ ସୌରଭ ସିଂହ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳତାର ସହିତ ଶେଷ କରିଥିଲେ ।

ଏସିଏଫଙ୍କ ବର୍ବରତା ପ୍ରତିବାଦରେ ଧାରଣା
ଏସଡିପିଓଙ୍କ ପ୍ରତିଶ୍ରୁତିପରେ ଧାରଣା ପ୍ରତ୍ୟାହୃତ



ନୀଳଗିରି, ୦୬/୦୪(ଆ.ପ୍ର) : କୁଳଡିହା ଗାରାପ୍ରାପ୍ତ ଅଧିକାରୀ ଓଆଏସିଏଫ୍ ଚୁଡ଼ୁରା କୁମାର ବେହେରା ଗତ ମାର୍ଚ୍ଚ ୨୫ତାରିଖ ରାତ୍ରୀରେ ଜଣେ ନିଲମ୍ବିତ ଫରେଷ୍ଟଗାର୍ଡ ଏବଂ ତାଙ୍କର ସାଥିଙ୍କୁ ନିର୍ମମଭାବରେ ମାରମାରି ସଂଜ୍ଞାହୀନ କରିବା ଏବଂ ଫରେଷ୍ଟଗାର୍ଡଙ୍କ ହାତରାଇଁବା ଘଟଣାରେ ପୋଲିସରେ ଅଭିଯୋଗ ହୋଇଥିବେ ମଧ୍ୟ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନନେବାରୁ ବାଧ୍ୟହୋଇ ଗାର୍ଡଙ୍କ ସ୍ତ୍ରୀ ଦୀପ୍ତି ମାଝୀ ଏବଂ ପରିବାର, ବନ୍ଧୁବାନ୍ଧବ, ପୂର୍ବତନ ବିଧାୟକ ବିଚାରଞ୍ଜନ ଷଡ଼ଙ୍ଗୀ, ସୁଜାତ୍ତ କୁମାର ନାୟକଙ୍କ ସମେତ ନୀଳଗିରି ଅଂଚଳର ବହୁ ବୁଦ୍ଧିଜୀବୀ ଆଜି ୧୧ଟା ସମୟରେ ନୀଳଗିରି ଏସଡିପିଓ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଧାରଣା ଜାରିରହିଥିବା ବେଳେ ନୀଳଗିରି ଉପଖଣ୍ଡ ପୋଲିସ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକ ଧାରଣାସ୍ଥଳକୁ ଆସି ଧାରଣାକାରୀଙ୍କ ସହିତ ଆଲୋଚନା କରିବାସହିତ ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବାର ନିର୍ଦ୍ଦେଶ ପ୍ରତିଶ୍ରୁତି ଦେଇଥିଲେ । ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

ସନ୍ତରାଗଡିଆ ମୁନି ସମାଜର କ୍ରିୟା ଯୋଗ ବୈଠକ ଅନୁଷ୍ଠିତ

ନୀଳଗିରି, ୦୬/୦୪(ଆ.ପ୍ର) : ଖିପଡା ବ୍ଲକ ଶ୍ୟାମସୁନ୍ଦରପୁର ଫଂଗାୟତ ଅଧୀନ ସନ୍ତରାଗଡ଼ିଆ ବଜାର ସଂଲଗ୍ନ ମୁନି ସମାଜ ଗୃହ ପରିସର ରେ ସନ୍ତରାଗଡିଆ ମୁନି ସମାଜର କ୍ରିୟା ଯୋଗ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକ ମୁନି ବିଭାମଣି ଗାଉଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ, ସୋର ଶାଖା ଯୋଗ ଶିକ୍ଷକ ଜଗନ୍ନାଥ ବାଲିକ ମୁଖ୍ୟ ଅତିଥି ଏବଂ ସନ୍ତରାଗଡିଆ ଯୋଗ ଶିକ୍ଷକ ମୁନି ଚନ୍ଦ୍ର ଗୌଡଙ୍କ ପାଞ୍ଚନାୟକ ମୁଖ୍ୟ ବକ୍ତା ଭାବେ ମଂଚାସୀନ ରହି ଯୋଗ ମାଧ୍ୟମରେ ଶରୀରକୁ ରୋଗ ମୁକ୍ତ କରିବାର ବିଭିନ୍ନ ମାଧ୍ୟମ ସମ୍ପର୍କରେ ଉପଦେଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜ୍ଞାନ ରଞ୍ଜନ ନାୟକ, ଗୟାଧର ନାୟକ ଗୀତାଞ୍ଜଳି ସ୍ୱାଇଁ, ମଣ୍ଟୁଲତା ବେହେରା, ସୁମିତ୍ରା ସାମଲ, ରମଣ ସାମଲ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ମୁନି ସମାଜର ସଦସ୍ୟ /ସଦସ୍ୟା ମାନେ ଉପସ୍ଥିତ ରହି ମାସିକ ଆଲୋଚନା ତଥା ରେ ଅଂଶ ଗ୍ରହଣ କରିବା ସହିତ କ୍ରିୟା ଯୋଗ ଅଭ୍ୟାସ ରେ ଅଂଶଗ୍ରହଣ କରିଥିଲେ ।

ଖନ୍ତାପଡା ହାଇସ୍କୁଲ ୧୯୯୪ ବ୍ୟାଚ୍‌ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୦୬/୦୪(ଆ.ପ୍ର) : ବାଲେଶ୍ୱର ଜିଲ୍ଲା, ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖନ୍ତାପଡା ହାଇସ୍କୁଲର ୧୯୯୪ ମସିହା ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ମଂଚଲିଙ୍ଗେଶ୍ୱର ସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ବନ୍ଧୁ ମାନେ ଏକତ୍ରିତ ହୋଇ ଜିଛି ସମୟ ପୁରୁଣା ସ୍ମୃତିକୁ ମନେ ପକାଇ ଥିଲେ । ଆନନ୍ଦ ଉଲ୍ଲାସ ରେ ସମୟ କାଟିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଶିକ୍ଷକ ଅଶୋକ କୁମାର ନାୟକ(ବାବୁଜି ସାର୍)ଉପସ୍ଥିତ ରହି ୧୯୯୪ ବ୍ୟାଚର ସମସ୍ତ ଛାତ୍ର /ଛାତ୍ରୀ ମାନଙ୍କୁ ଆଶୀର୍ବାଦ ଏବଂ ପରାମର୍ଶ ଦେଇଥିଲେ । ବନ୍ଧୁତା ବେଳକୁ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମିଳିତ ନ ରହି ସମସ୍ତ ସୁଖ ଦୁଃଖର ସାଥୀ ହୋଇ ରହିବା ପାଇଁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଲଲିତ୍ ମହାନ୍ତି ଚନ୍ଦନେଶ୍ୱର ବେହେରା ଏବଂ ରାଜେନ୍ଦ୍ର ସ ସଭା ପରିଚାଳନା କରି ଥିଲେ । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ୧୯୯୪ ବ୍ୟାଚର ସମସ୍ତ ବନ୍ଧୁ ମାନେ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ କାର୍ଯ୍ୟକ୍ରମଟି ସଫଳତାର ସହିତ ଆଳତ ରୁଲ୍ଲାସ ରେ ପାଳନ ହୋଇଥିଲା । ଶେଷରେ ଆୟୋଜକ ମାନେ ମୁଖ୍ୟ ଅତିଥି ଅଶୋକ କୁମାର ନାୟକ ବାବୁଜି ସାର୍‌ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଧାୟକ ଓ ସାଂସଦ ଦ୍ୱାରା ଓଭର ବ୍ରିଜର ଶୁଭ ଶିଳାନ୍ୟାସ

ସିମୁଳିଆ, ୦୬/୦୪(ଆ.ପ୍ର) : ସିମୁଳିଆ ବ୍ଲକ ମାର୍କୋଣୀ ଠାରେ NH-୧୬ ଓଭରବ୍ରିଜ୍ ନିର୍ମାଣ ଅବସରରେ ଉକ୍ତ ବ୍ରିଜର ସାଂସଦ ଅଭିମନ୍ୟୁ ସେଠୀ ଓ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଶୁଭ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ସାଂସଦ ଶ୍ରୀ ସେଠି ଓ ବିଧାୟକ ଶ୍ରୀ ପଣ୍ଡାଙ୍କୁ କାରଚାର ରାଜପଥ ମଲତାପୁର ଠାରୁ ବିଡାଟ ବାଲକ ଲାଲିରେ ଆସି ମାର୍କୋଣୀ ବଜାର ପରିକ୍ରମା କରିବା ପରେ ଏହି ଓଭରବ୍ରିଜ୍‌ର ଶିଳାନ୍ୟାସ କରାଯାଇଥିଲା । ଏହି ଅବସରରେ ବିଡ଼ିଓ ସୁନିଲ କୁମାର ଚୁଡୁ, ଜିଲ୍ଲା ସାଧାରଣ ସମ୍ପାଦକ ଡା. ଅଶ୍ୱିନୀମାଧବ ପଣ୍ଡା, ଯୁବନେତା ନୀଳମାଧବ ପଣ୍ଡା, ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ,ସିମୁଳିଆ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଖଇଗା ବ୍ଲକ ଅଧ୍ୟକ୍ଷ ଅଭିଜିତ୍ସା ସାହୁ, ସିମୁଳିଆ ବ୍ଲକ ଉପାଧ୍ୟକ୍ଷ ହିମାଦ୍ରୀ ନନ୍ଦିନୀ ମହାପାତ୍ର, ମାର୍କୋଣୀ ମଣ୍ଡଳ ସଭାପତି ଅଭିମନ୍ୟୁ ବେହେରା, କାମୁଝାଡ଼ି ମଣ୍ଡଳ ସଭାପତି ସୁଶାନ୍ତ କୁମାର ନାୟକ, ବାଲିଖଣ୍ଡ ମଣ୍ଡଳ ସଭାପତି ରଘୁନନ୍ଦନ ମିଶ୍ର,ସମିତି ସଭ୍ୟ ଉତମ କୁମାର ମହାନ୍ତି ଓ ବରିଷ୍ଠ ନେତା ରାଧାରମଣ ପଟ୍ଟନାୟକ, ଆମ୍ବାଗ ସଭାପତି ରମାକାନ୍ତ ପରିଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ସିମୁଳିଆ ଓ ଖଇଗାରୁ ସମସ୍ତ କାର୍ଯ୍ୟକର୍ତା ଓ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ । ସିମୁଳିଆ ବିଧାୟକ ଶ୍ରୀ ପଣ୍ଡା ବାଲେଶ୍ୱର ଜିଲ୍ଲାର ଯୋଜନା ବୋର୍ଡ ଅଧ୍ୟକ୍ଷ ନିଯୁକ୍ତି ପାଇଥିବାରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ପାଳନ

ବାଲେଶ୍ୱର, ୦୬/୦୪(ଆ.ପ୍ର) : ଜିଲ୍ଲା ସଭାପତି ଏଶ୍ୱର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆଜି ଖାନଚଉରା ସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବଜର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦଘାଟିତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସଭାପତି ଶ୍ରୀ ବେହେରାଙ୍କ ଦ୍ୱାରା ବଦୀୟ ପତାକା ଉତୋଳନ ଏବଂ ସାମୁହିକ ବନ୍ଦେ ମାତରମ୍ ଗାନ ପରେ ସମବେତ କର୍ମୀବୃନ୍ଦଙ୍କୁ ସମ୍ବୋଧିତ କରିବା ପରେ କାର୍ଯ୍ୟାଳୟ ଓ ଆଖପାଖ ଅଂଚଳରେ ବୃକ୍ଷରୋପଣ କରାଯାଇଥିଲା । ସମ୍ମାଳନୀ କକ୍ଷରେ ଆୟୋଜିତ ସାଧାରଣ ସଭାରେ ବଜର ୬୦ ବର୍ଷରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ଉତରାୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ସଭାପତି ଓ ସାଂସଦ ତାଙ୍କ ଉଦବୋଧନରେ କର୍ମୀମାନଙ୍କୁ ବଜର ଗରିମାମୟ, ଭାଷ୍ଟାୟ ବେତନା, କର୍ତ୍ତବ୍ୟ, ଦାୟିତ୍ୱ ବର୍ଷର ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ । ଲକ୍ଷ ଲକ୍ଷ କର୍ମୀଙ୍କ ଆତ୍ମତ୍ୟାଗ ଓ ବଳିଦାନର ଫଳସ୍ୱରୂପ ଭାରତୀୟ ଜନତା ପାର୍ଟି ଆଜି ବିଶ୍ୱର ସର୍ବବୃହତ ରାଜନୈତିକ ବଜର ମାନ୍ୟତା ପାଇଛି, ଏହା କେବଳ ଏକ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଛନ୍ତି ବୁଦ୍ଧେଶ୍ୱର ଦାଶ, ନାଗରିକଙ୍କ ସାମଗ୍ରିକ କିଲାଣ ପାଇଁ ଓ ଦେଶକୁ ପରମବୈଭବଶାଳୀ କରିବା ପାଇଁ ଗୁରୁ ଦାୟିତ୍ୱ । ୨୦୪୭ ସୁଦ୍ଧା ଦେଶକୁ ବିକଶିତ ଭାରତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକୁ ସାକାର କରିବା ପାଇଁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସମ୍ପାଦକ ବିଚାରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ବାଲେଶ୍ୱରରେ ଉଦ୍‌ଘାଟିତ ହେଲା ବାଣିଜ୍ୟିକ ଅଦାଲତ

ବାଲେଶ୍ୱର, ୦୬/୦୪(ଆ.ପ୍ର) : ଆଜି ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ବାଲେଶ୍ୱରର ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ଏକ ବାଣିଜ୍ୟିକ ଅଦାଲତ ଆରମ୍ଭ କରିଆରେ ଓଡ଼ିଶା ଉଚ୍চ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ଭରଚମନରେ ଉଦ୍ଘାଟିତ ହୋଇଛି । ସେଠାରେ ତାଙ୍କ ସହିତ ଉଚ୍চ ନ୍ୟାୟାଳୟର ବିଚାରପତି ବିଭୁ ପ୍ରସାଦ ରାଉତରାୟ ଏବଂ ଅନେକ ଉଚ୍চ ନ୍ୟାୟାଳୟର ବିଚାରପତି ଗଣ ଉପସ୍ଥିତ ଥିଲେ । ଏହି ଅବସରରେ ବାଲେଶ୍ୱର ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ନୂତନ ଭାବେ ନିର୍ମିତ ହୋଇଥିବା ବାଣିଜ୍ୟିକ ଅଦାଲତ ସମ୍ମୁଖରେ ଏକ ସଭାର ଆୟୋଜନ ହୋଇ ଆଭାସି ମାଧ୍ୟମରେ ମୁଖ୍ୟ ବିଚାରପତିଙ୍କ ସହିତ ଯୋଡି ହୋଇଥିଲେ । ଏହି ଉଦ୍ଘାଟନୀ ଉତ୍ସବରେ ମାନ୍ୟବର ଜିଲ୍ଲା ଦୌରା ଜଜ୍, ବାଲେଶ୍ୱର ସଦ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର ସୁଧାକର ନାୟକଙ୍କ ସମେତ ଅନେକ ଜିଲ୍ଲା ସ୍ତରୀୟ ମାନ୍ୟବର ବିଚାରପତି ଏବଂ ଆଇନଜୀବୀ ଗଣ ଉପସ୍ଥିତ ଥିଲେ । ଏହି ବାଣିଜ୍ୟିକ ଅଦାଲତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେଉଁଝର ଜିଲ୍ଲା ପାଇଁ ପ୍ରଯୁଜ୍ୟ ବାଣିଜ୍ୟିକ ନ୍ୟାୟ ପ୍ରଦାନ କରିବ । ଏହି ଘଟଣି କୁଷ୍ଣ ଜିଲ୍ଲାରୁ ବାଣିଜ୍ୟିକ ବିବାଦ ଭାରରେ ବିଭିନ୍ନ ଜର୍ଜର ୧୮୮୩ ମାମଲା ଚିହ୍ନଟ କରାଯାଇ ନୂତନ ଭାବରେ ଉଦ୍ଘାଟିତ ବାଣିଜ୍ୟିକ ଅଦାଲତକୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିରେ ବାଲେଶ୍ୱର ଜଜଶିପ୍‌ରୁ ୬୭୫ ମାମଲା ସ୍ଥାନାନ୍ତରିତ ହୋଇଛି, ମୟୂରଭଞ୍ଜ ଜଜଶିପ୍‌ରୁ ୧୭୫ ମାମଲା ସ୍ଥାନାନ୍ତରିତ ହୋଇଛି, ଭଦ୍ରକ ଜଜଶିପ୍‌ରୁ ୩୭୪ ମାମଲା ସ୍ଥାନାନ୍ତରିତ ହୋଇଛି ଏବଂ କେଉଁଝର ଜଜଶିପ୍‌ରୁ ୬୦୭ ମାମଲା ସ୍ଥାନାନ୍ତରିତ ହୋଇଛି । ବାଲେଶ୍ୱରରେ ଏହି ବାଣିଜ୍ୟିକ ଅଦାଲତ ପ୍ରତିଷ୍ଠା ଦ୍ୱାରା ଦୈନନ୍ଦିନ ନିର୍ଦ୍ଦେଶର ପାଳନ ସୁନିଶ୍ଚିତ ହେବ, ନିୟମିତ ଅଦାଲତରେ ବିଚାରାଧୀନ ମାମଲା ହ୍ରାସ ପାଇବ ଏବଂ ବାଣିଜ୍ୟିକ ବିବାଦର ସମୟସୀମା ମଧ୍ୟରେ ସମାଧାନ ପାଇଁ ଏକ ସ୍ୱତନ୍ତ୍ର ମଂଚ ପ୍ରଦାନ କରାଯିବ । ଏହା ମଜବୁତ ମାଳାରୀ ପାଇଁ ନ୍ୟାୟ ପାଇବାକୁ ବୃଦ୍ଧି କରିବ, ନ୍ୟାୟିକ ଦକ୍ଷତା ଉନ୍ନତ କରିବ ଏବଂ ଏହି ଅଂଚଳରେ ନିବେଶ ପରିବେଶକୁ ସୁଦୃଢ଼ କରିବ । ବାଣିଜ୍ୟିକ ଅଦାଲତ ଆଇନ, ୨୦୧୫ ର ଉଦ୍ଦେଶ୍ୟକୁ ଆଗକୁ ବଢାଇବା ପାଇଁ ବାଲେଶ୍ୱରରେ ନୂତନ ଭାବେ ଉଦ୍ଘାଟିତ ହୋଇଥିବା ଏହି ବାଣିଜ୍ୟିକ ଅଦାଲତର ପ୍ରତିଷ୍ଠା ଏକ ଆଦର୍ଶବାଚକ ଏବଂ ନୀତି-ଚାଳିତ ପଦକ୍ଷେପ, ଯାହା ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବା ପାଇଁ ବାଣିଜ୍ୟିକ ବିବାଦର ଦ୍ରୁତ ଏବଂ ବିଶେଷଜ୍ଞ ବିଚାରକୁ ଲକ୍ଷ୍ୟ କରେ । ଏହି ଉଦ୍ଘାଟନୀ ଉତ୍ସବକୁ ଅଦାଲତର ରେଜିଷ୍ଟାର ସିତିକାନ୍ତ ପ୍ରଧାନ ପରିଚାଳନା କରିଥିବା ବେଳେ ଅଦାଲତର ମୁଖ୍ୟ ପ୍ରଶାସନିକ ଅଧିକାରୀ ମଳୟ କୁମାର ରାଉତ ଓ କୋର୍ଟ ମ୍ୟାନେଜର ସୁଶ୍ରୀ ପ୍ରିୟଙ୍କା ମିଶ୍ର ଏଥିରେ ସହଯୋଗ କରିଥିଲେ ।

'ଅଭିଳାଷା' ପକ୍ଷରୁ ଉନ୍ମୋଚିତ ହେଲା ସଂଗ୍ରାମ କେଶରୀ ସେନାପତିଙ୍କ ଇଂରାଜୀ ଉପନ୍ୟାସ 'ଦି ଇଅର୍ ସି ଡିସାପିଅର୍‌ଡ୍'

ବାଲେଶ୍ୱର, ୦୬/୦୪(ଆ.ପ୍ର) : ଗତକାଲି

ସମ୍ବାଦକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୭ ଅପ୍ରେଲ, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଅହଂକାର

ରୁଷିଆ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଏବେ ବି ଲାଗିରହିଛି । ତଥାପି କେହି କାହାକୁ ବୁଝିବାକୁ ଚେଷ୍ଟା କରୁନାହାନ୍ତି କି କେହି କାହାର ମାନ ଅଭିମାନ ଅବା ସ୍ୱାଭିମାନ ରକ୍ଷା ଉପରେ ଗୁରୁତ୍ୱ ଦେଉ ନାହାଁନ୍ତି । ନିଜ ନିଜ ଭିତରେ ଥିବା ଅହଂକାରକୁ ନେଇ ସେମାନେ ବ୍ୟସ୍ତ । ବିତ୍ରତ । ହେଲେ ଦେଶର ସୁରକ୍ଷା ନେଇ କେହି ବି ଚିନ୍ତିତ ନୁହଁନ୍ତି । ତେବେ ଦେଶର ସାର୍ବଭୌମତ୍ୱ ନେଇ ସର୍ବାଧିକ ଚିନ୍ତିତ ଥିବା ରୁଷିଆ କିମ୍ବା ୟୁକ୍ରେନ୍ ସହ ଏହି ଯୁଦ୍ଧକୁ ନେଇ ଚେଷ୍ଟାହୁଏ ସେଭଳି ଚିନ୍ତିତ ନୁହେଁ । ଏହି ଦୃଷ୍ଟିକୋଣରୁ ଏ କଥା କୁହାଯାଇପାରେ ଯେ ରୁଷିଆ ୟୁକ୍ରେନ୍ ସହ ଯୁଦ୍ଧକୁ ନେଇ ତା'ର କିଛି ବି ନକାରାତ୍ମକ ପ୍ରତିକ୍ରିୟା ଦେଇନାହିଁ । ଏତେ ଯେମିତି ରୁଷିଆ ଯୁଦ୍ଧ ବନ୍ଦ ନେଇ କେବେ ବି ଚାହୁଁନ୍ତି ନୁହେଁ । ଯଦି ରୁଷିଆ ୟୁକ୍ରେନ୍ ସପକ୍ଷରେ ଯାଉଥାନ୍ତା, ତେବେ କେବେ ବି ଏତେ ଦିନ ଧରି ଯୁଦ୍ଧକୁ ସେ ପ୍ରଶ୍ରୟ ଦେଇନଥାନ୍ତା । ହେଲେ ରୁଷିଆ ୟୁକ୍ରେନ୍ ସହ ଯୁଦ୍ଧକୁ ନେଇ ସେଭଳି ବିଶେଷ କିଛି ବିଚାର ପ୍ରକଟ କରୁନାହିଁ । ସେଥିପାଇଁ ତ ଉଭୟ ରାଷ୍ଟ୍ର ମଧ୍ୟରେ ଆଜିକୁ ଦୀର୍ଘ ଦିନ ଧରି ଲାଗିରହିଛି ଯୁଦ୍ଧ, ଏଭଳି ଯୁଦ୍ଧ ଯାହାକୁ ଆଗାମୀ ସମୟରେ ମହାଯୁଦ୍ଧର ଆଖ୍ୟା ଦିଆଯାଇପାରେ; ଏଭଳି ମହାଯୁଦ୍ଧ ଯାହା ବିଶ୍ୱଯୁଦ୍ଧରେ ଅଭାବ କରି ବିଶ୍ୱସ୍ତର ପରିସ୍ଥିତିକୁ କିମ୍ବା ଦେବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ତେବେ ପରିତାପର ବିଷୟ ହେଉଛି ଯେ କେହି ବି ପରସ୍ପରକୁ ବୁଝିବାକୁ ଚେଷ୍ଟା କରୁନାହାନ୍ତି କି ବିଶ୍ୱରେ ଆଜ କାହାରି ମୁରବାଦ୍‌କୁ ମଧ୍ୟ ଗ୍ରହଣ କରୁନାହାଁନ୍ତି । ଏପରି ସ୍ଥଳେ କ'ଣ କରାଯାଇପାରେ ? ଉଭୟ ଦେଶ ପରସ୍ପର ମଧ୍ୟରେ ରଣାହ୍ୱାନର ଦେଇବାଳିଛନ୍ତି । ଉଭୟ ଦେଶ ପରସ୍ପରକୁ ହରାଇ ବିଶ୍ୱରେ ସେମାନଙ୍କର କ୍ରେଡିଟ୍ ନେବାରେ ବ୍ୟସ୍ତ ହେଲେ କେହି ବି ଗୋଟିଏ ସାଧାରଣ ଲାଭ ଏ ଯାବତ୍ ବୁଝିପାରୁ ନାହାଁନ୍ତି ଯେ ଉଭୟ ଦେଶ ମଧ୍ୟରେ ଏହିଭଳି ଯୁଦ୍ଧ ଯଦି ଲାଗିରହିବ, ତେବେ କେହ ବି ତାହାର କ୍ରେଡିଟ୍ ନେଇପାରିବେ ନାହିଁ । ବରଂ ଉଭୟ ଦେଶର ମାନ ତଳକୁ ତଳକୁ ବହୁ ତଳକୁ ଖସିଯିବ । ରୁଷିଆ ହୁଏତ ଏ କଥା ବୁଝି କମାରେ ଯେଉଁଦୁ ତା' ପାଖରେ ସୈନ୍ୟ ଶକ୍ତି ରହିଛି, ତା' ପାଖରେ ଅର୍ଥ ବଳ ବି ରହିଛି । ତା' ପାଖରେ ରାଜନୈତିକ ପ୍ରଭାବ ବି ରହିଛି । ତେଣୁଏବେ ସେଇଥିପାଇଁ ରୁଷିଆ ତା' ଜିଦ୍‌ରେ ଅଟଳ ରହିଛି । ୟୁକ୍ରେନ୍ ବିରୋଧରେ ତା'ର ଯୁଦ୍ଧ ନୀତି ଜାରି ରଖିଛି । ଅତୀତରେ ଯେଉଁ ୟୁକ୍ରେନ୍ ରୁଷିଆ ସହ ମିଶି ରହିଥିଲା , ଅତୀତରେ ଯେଉଁ ୟୁକ୍ରେନ୍-ରୁଷିଆ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ଚାଲୁଥିଲେ; ଉଭୟଙ୍କ ମଧ୍ୟରେ ବନ୍ଧୁତା ତଥା ସଦ୍‌ଭାବ ବି ଠିକ୍ ଥିଲା, ସେହି ୟୁକ୍ରେନ୍ ଆଜି ରୁଷିଆ ଚଳାଉଛେ ତଦିତଜନ୍ମ ଦେବାକୁ ବସିଲାଣି । ଯେଉଁ ରୁଷିଆ ଦିନେ ୟୁକ୍ରେନକୁ ବିଜିନ୍ସ ପ୍ରକାର ସହଯୋଗର ହାତ ବଢ଼ାଇ ଚାଲିଥିଲା, ସେହି ରୁଷିଆ ଆଜି ୟୁକ୍ରେନର ସବୁଠାରୁ ବଡ଼ ଶତ୍ରୁ ସାଜିଛି । ସେହି ରୁଷିଆ ଆଜି ୟୁକ୍ରେନ୍ ବିରୋଧରେ ଏକ ଲମ୍ବାଯୁଦ୍ଧ ଘୋଷଣା କରିଛି ଯାହାର ପରିଣାମ ସୁଦୂର ଶତ୍ରୁ ଶତ୍ରୁ ଜନତା ଆଜି ୟୁକ୍ରେନ୍‌କୁ ବେଗର ହୋଇଗଲେଣି । ହଜାର ହଜାର ଜନତା ଆଜି ୟୁକ୍ରେନ୍ ମାଟି ପରିତ୍ୟାଗ କରି ବିଦେଶ ଚାଲିଗଲେଣି । ଦିନେ ହସି ଉଠୁଥିବା ୟୁକ୍ରେନ୍ ଆଜି ତା'ର ଶିରି ହରାଇଲାଣି ବସିଲାଣି । ଦୀର୍ଘ ଦିନର ଯୁଦ୍ଧ ପରେ ବି ବନ୍ଦ ହେବାର ନା ଧରୁନି । କେହି କହୁଛି ରୁଷିଆର ଯୁଦ୍ଧ ନୀତି ରୁଲ୍ ରହୁଛି ତ ଆଉ କେହି କହୁଛି ୟୁକ୍ରେନ୍‌ର ନୀତି ହିଁ ରୁଲ୍ ରହୁଛି । ଏଥିରୁ ଅଥାଟା ସ୍ପଷ୍ଟ ଯେ ୟୁକ୍ରେନକୁ ବାଷ୍ଟରରେ ରାଜନୀତି ଜଣାନାହିଁ । ଯଦି ୟୁକ୍ରେନ୍ ରାଜନୀତି ଅବା ରାଜଧର୍ମ ଜାଣିଥାନ୍ତା ତେବେ ଆଜି ତାକୁ ସେପରି ଦୁର୍ଦ୍ଦଶା ଭୋଗିବାକୁ ପଡ଼ି ନଥାନ୍ତା । କେବଳ ନାଟୋ କଥାରେ ପଡ଼ି ୟୁକ୍ରେନର ଆଜି ଏଭଳି ଦଶା । ଯାହା ପଛରେ କାମ କରୁଛି ଆମେରିକା । ଆମେରିକା ବାସ୍ତବରେ ବିଶ୍ୱର କେବଳ ସୁପର ପାୱାର ନୁହେଁ , ଗୋଟାଏ ସୁପର ଶେଡ଼ଙ୍ଗର ମଧ୍ୟ ଯାହା ଆଜିକୁ ଦୀର୍ଘ ବର୍ଷ ଧରି ଗେମ ଖେଳି ଆସୁଛି ବିଶ୍ୱର ବିଭିନ୍ନ ଦେଶମାନଙ୍କ ସହିତ । ବିଭିନ୍ନ ଦେଶ କଥା କହିଲେ ସେତେ ଠିକ୍ ହେବନି ବରଂ କିଛି ନିର୍ଦ୍ଦିଷ୍ଟ ପ୍ରାନ୍ତ କଥା କହିଲେ ବେଶି ଠିକ୍ ହେବ ଯେପରି ଏ କ୍ଷେତ୍ରରେ ଏମିତି ମହାଦେଶ କଥା ଅଧିକ ପରିମାଣରେ ବିଚାରକୁ ନିଆଯାଇପାରେ ।

ବିଶ୍ୱପ୍ରିୟା : ଓଡ଼ିଶାର 'ନାଇଟେଙ୍ଗଲ୍'

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

୧୯୪୬ ମସିହା ଦ୍ୱିତୀୟାର୍ଦ୍ଧ । ସ୍ୱାଧୀନତାର ସ୍ୱାଦକୁ ଦେଶବାସୀ ଠିକ୍ ଭାବେ ଅନୁଭବ କରିପାରିନଥାନ୍ତି । ସେତିକିବେଳେ, ରଣଶଣାର ଡଙ୍ଗିଆ ସମ୍ବାଦରେ ଜଣେ ୨୧ ବର୍ଷୀୟା ଝିଅ ସୁଦୂର ଦିଲ୍ଲୀ ଯାଇ ନର୍ସିଂ ଭଳି ପେସାର ତାଲିମ୍ ନେବା କିଛି କମ୍ କଥା ନଥିଲା । ଏହି ଝିଅ ଜଣକ ଅନ୍ୟ କେହି ନଥିଲେ - ସେ ଥିଲେ ଓଡ଼ିଶା ନର୍ସିଂ ସମାଜର କୁଳବୁଦ୍ଧା ବିଶ୍ୱପ୍ରିୟା ମହାନ୍ତି । ବିଶ୍ୱପ୍ରିୟାଙ୍କ ପଦକ୍ଷେପକୁ ସେତେବେଳେ କେହିବି ଯେ ସମାଲୋଚନା କରାଯାଇଥିଲା, ତା ନୁହେଁ; ପରିବାରକୁ ମଧ୍ୟ ଅନେକ ପ୍ରକାର କୁସାଉଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ହେଲେ ସମଗ୍ର ସମାଜର ଉନ୍ନତି ପାଇଁ ସଂଘର୍ଷ ବନ୍ଧ ହୋଇଥିବା ବିଶ୍ୱପ୍ରିୟା ଏ ସବୁକୁ ଆଡ଼େଇ ଦେଇ ଆଗେଇ ଯାଇଥିଲେ; ଆଉ ରଖି ଯାଇଥିଲେ ସବୁ କ୍ଷେତ୍ରରେ ପ୍ରଥମ ହେବାର ଅନନ୍ୟ ଉଦାହରଣ । ପ୍ରଥମ ଓଡ଼ିଆ ନର୍ସିଂ ଛାତ୍ରୀ, ପ୍ରଥମ ମାଟ୍ରନ୍, ପ୍ରଥମ ଚିଫ୍ ମାଟ୍ରନ୍, ପ୍ରଥମ ପ୍ରିନ୍ସିପାଲ ଟ୍ୟୁଟର୍, କଲେଜ୍ ଅଫ୍ ନର୍ସିଂର ପ୍ରଥମ ଅଧ୍ୟକ୍ଷା ଓ ଏମିତି ଅନେକ ପ୍ରଥମ । କୁହାଯାଏ ପ୍ରଥମ ହେବାଟା ଯେତିକି କଷ୍ଟ, ପ୍ରଥମ ସ୍ଥାନକୁ ବଜାୟ ରଖିବା ତା ଠାରୁ ଢ଼େର୍ ଅଧିକ କଷ୍ଟ । ହେଲେ, ବିଶ୍ୱପ୍ରିୟା ସେତେବେଳେ ଯେ ଏକ ଯେ ସମାଲୋଚନା କରାଯାଇଥିଲା, ତା ନୁହେଁ; ପରିବାରକୁ ମଧ୍ୟ ଅନେକ ପ୍ରକାର କୁସାଉଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ହେଲେ ସମଗ୍ର ସମାଜର ଉନ୍ନତି ପାଇଁ ସଂଘର୍ଷ ବନ୍ଧ ହୋଇଥିବା ବିଶ୍ୱପ୍ରିୟା ଏ ସବୁକୁ ପରେ ଏମ୍.ଏସ୍‌ସି ନର୍ସିଂ ଶିକ୍ଷା ଗ୍ରହଣ କରିଥିଲେ । ଶିକ୍ଷା ଶେଷ ହେବା ପୂର୍ବରୁ ବିଶ୍ୱପ୍ରିୟାଙ୍କୁ ସୁଯୋଗ ମିଳିଥିଲା ଦିଲ୍ଲୀର କେତେକ ପ୍ରତିଷ୍ଠିତ ଚିକିତ୍ସାଳୟରେ ଯୋଗଦେବାକୁ । ଅନ୍ୟ କେହି ହୋଇଥିଲେ ବ୍ୟକ୍ତିଗତ ପ୍ରତିଷ୍ଠା ସମ୍ମାନ୍ୟତା ପାଇଁ ଏହାକୁ କେବେ ହାତଛଡ଼ା କରିନଥାନ୍ତା । ହେଲେ ନିଜ ରାଜ୍ୟର ଅସହାୟ ରୋଗୀମାନଙ୍କ ସେବା କରିବାକୁ ଯିଏ ସଂକଳ୍ପବଦ୍ଧତାକୁ ଏ ସବୁ ଲୋଭ ଅଟଳାଇପାରିଥାନ୍ତା ବା କେମିତି ? ଶିକ୍ଷା ସମାପ୍ତିରେ ବିଶ୍ୱପ୍ରିୟା ବାଛି ନେଇଥିଲେ ଓଡ଼ିଶାକୁ ନିଜର କର୍ମଭୂମି (ବରଂ ସେବା ଭୂମି କହିଲେ ଅଧିକ ଜଯଯୁକ୍ତ ହେବ) ବାଛେ । ଏସ୍‌ସିବିଜୁ ପ୍ରଥମ ଓଡ଼ିଆ ନର୍ସ ଭାବେ କାର୍ଯ୍ୟ ଆରମ୍ଭ କରିବା ସହିତ ଓଡ଼ିଆ ଝିଅମାନଙ୍କୁ ଅଧିକରୁ ଅଧିକ ଏହି ପେଷାପ୍ରତି ଆକୃଷ୍ଟ କରାଇବାର ଉଦ୍ୟମ ଆରମ୍ଭ କରିଦେଇଥିଲେ । ପରୋକ୍ଷରେ ଓ ନିଷ୍ଠାଳି ସେବାର କ୍ଷମତା ମିଳିବା କ୍ଷଣି ଓଡ଼ିଆ ଝିଅମାନଙ୍କୁ ବାଙ୍ଗାଲୋର, ଚେନ୍ନୋର, ଦିଲ୍ଲୀ ଓ ମାଡ୍ରାସ୍‌ର ଚିକିତ୍ସାଳୟରୁ ପାଠର ଜଳ୍ପନ୍ତ ସ୍ତରରେ ନର୍ସିଂ ତାଲିମ ଦିଆଇବାରେ ମଧ୍ୟ ସେ ବେଶେ କୌଣସି ସୁଯୋଗ ହାତଛଡ଼ା କରିନଥିଲେ । ସେଇଥିପାଇଁ 'ବଡ଼ ଦିଦି' ବୋଲି ସମ୍ବୋଧନ କରୁଥିଲେ ଦି ଅଧିକାଂଶ ସେବିକା ତାଙ୍କୁ ନିଜ ମା' ଭଳି ଦେଖୁଥିଲେ । ସେ ମଧ୍ୟ ମାତୃବତ୍ ସ୍ନେହ ଦେବାରେ କେବେ କାର୍ପଣ୍ୟତା ଦେଖାଇ ନଥିଲେ । ଚାକିରି କାଳରେ ନର୍ସିଂ ସେବାକୁ ଅଧିକ ଲୋକାଭିମୁଖୀ କରାଇବା ସହ ନର୍ସିଂ କଲେଜ ପ୍ରତିଷ୍ଠା ଭଳି ବହୁ ଯୁଗାନ୍ତକାରୀ ପଦକ୍ଷେପ ତାଙ୍କ ଧୂରା ତଳେ ନିଆଯାଇଥିଲା । ଚାକିରିର ଶେଷ ସମୟରେ ବହୁଜଣ ଅଧିକାରୀ ଚାକିରିକାଳକୁ ବଢ଼ାଇବା ପାଇଁ ସରକାରଙ୍କ ଦ୍ୱାରସ୍ଥ ହେଉଥିବା ବେଳେ ବିଶ୍ୱପ୍ରିୟାଙ୍କ କ୍ଷେତ୍ରରେ ଠିକ୍ ତାର ଓଲଟା ଘଟିଥିଲା । ସରକାରଙ୍କ ପକ୍ଷରୁ ତାଙ୍କୁ ନିବେଦନ କରାଯାଇଥିଲା ଆଉ ଦୁଇ ବର୍ଷ ଅଧିକ ସେବା କରିବାକୁ । କହିବା ଅନାବଶ୍ୟକ ଦିନାମୟ ପରି ତାଙ୍କର ପ୍ରତଶ୍ରୁ ପ୍ରତିଭା ଓ ନର୍ସିଂ ସେବା ପ୍ରତି ତାଙ୍କର ସମର୍ପଣ ଭାବ ଯୋଗୁଁ ସରକାରଙ୍କ ପକ୍ଷରୁ ନିୟମର ଏଭଳି ପରିବର୍ତ୍ତନ କରାଯାଇଥିଲା । ଅବସର ନେବା ପରେ ମଧ୍ୟ ବିଶ୍ୱପ୍ରିୟା ଚୁପ୍ ହୋଇ ବସିନଥିଲେ । ନିଜ ଉଦ୍ୟମରେ 'ଜିଟିଲ୍ ବାଡ଼ି' ନାମକ ସ୍କୁଲ ଖୋଲିବା ସହ ଶେଷ ସମୟ ପର୍ଯ୍ୟନ୍ତ 'ଉପେନ୍ଦ୍ର ଟ୍ରଷ୍ଟ କଲେଜ୍ ଅଫ୍ ନର୍ସିଂ'ର ଦାୟିତ୍ୱ ନିଭାଇ ଚାଲିଥିଲେ । ଓଡ଼ିଶାର ସେବିକା ସମାଜ ପାଇଁ ସେ ସର୍ବଦା ଆଦର୍ଶର ପ୍ରେରଣାର ମାର୍ଗଦର୍ଶିକା ହୋଇ ରହିବେ ।

ପ୍ରଫେସର, ଉମେଶଚନ୍ଦ୍ରଲାଲ ବିଜାର, ଶ୍ରୀଜଗନ୍ନାଥ ଲାଲ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ଦଶି ଦଶଜଣଙ୍କୁ ପୋଷେ

॥ ଅଜୟ କୁମାର ବେହେରା ॥

ଏ ଗୋଳକାଳକ୍ରି ଗାଉଲି ଲୋକଙ୍କର ଲଥା । ପ୍ରକୃତରେ ଏହା ସତ୍ୟ । ଏ ଯୁଗରେ ଅନେକ ପ୍ରକାର ବୃଦ୍ଧି ପୁଣି ବୃଦ୍ଧି ଆଉ ପାତକ ଜାତି ସମ୍ବନ୍ଧରେ ଏବେ ଜଡ଼ିତ କରାଯାଉଛନ୍ତି । ଏବେ ରାଜନୀତିରେ ଯେମିତି ସବୁ ଜାତିର ଲୋକ ବୃଦ୍ଧି ପାଇଁ ଧାବିତ । ମଦର ପଟ୍ଟା ନେବା ନିଶା ଦ୍ରବ୍ୟର ପଟ୍ଟାନେବା, ଯୋଡ଼ା ଦୋକାନ ଖୋଲିବା, କୁକୁଡ଼ା ଚାଷ କରିବା ଗ୍ରୟଲର କୁକୁଡ଼ା ଚାଷ କରିବା ଫାର୍ମ ଅଣ୍ଡା ଉତ୍ପାଦନ କରିବା ଅଣ୍ଡାର ବଡ଼ ତିଲର ହେବା କୁକୁଡ଼ା ଛୁଆ ବିକ୍ରୟ କରିବା ଏପରି କାର୍ଯ୍ୟ ଚାଲୁଣି ଜାତିର ଲୋକ ବି କରୁଛନ୍ତି । ଫୁଦର ବାଣିଜ୍ୟ ଏବେ ମାନି କେବଳ କରୁନାହାଁନ୍ତି ଯେ କେହି ଲୋକ ଏ ବାଣିଜ୍ୟ କରୁଛନ୍ତି । ପର ଘରେ କେହି ଖାଉନଥିବେ ବଡ଼ ବଡ଼ ଲୋକି ଲାଉରେ ସ୍ୱଜାତିର ଲୋକେ ସୁପକାର ଖାଉଥିଲେ । ପରବର୍ତ୍ତୀ କାଳରେ ବ୍ରାହ୍ମଣଙ୍କ ଦ୍ୱାରା ରୋଷେଇ କରାଯାଇ ବଡ଼ ବଡ଼ ଲୋଟିର ବ୍ୟବସ୍ଥା କରାଗଲା । ଏହା ଅବଶ୍ୟ ମନ୍ଦିରର ପୂଜକଙ୍କର ରୋଷେଇରୁ ଲୋକମାନେ ଶିଖି କଲେ ଏପରିକି ମହାପ୍ରସାଦ ରୋଷେଇ ଏପରି ଶିକ୍ଷା ସମସ୍ତଙ୍କୁ ଦେଇଥିଲା । ବ୍ରାହ୍ମଣ ରୋଷେଇ ପ୍ରୟ ସର୍ବତ୍ର ଏବେ ପସନ୍ଦ ଯୋଗ୍ୟ ମାତ୍ର ଅନେକ ସ୍ଥାନରେ ଯେ ସୁଆଦିଆ ରନ୍ଧଣା କରିପାରୁଛି ତାକୁ ରୋଷେଇ ଲାଗିଥିବା ଅର୍ଥର କରାଗଲାଣି । ଏଥିରେ ଜାତି ଢ଼ିଲା ଧର୍ମ ଢ଼ିଲା ବି ବୋଧ ହେଉଛି । ଅର୍ଥାତ ଲୋକନ ଲାର୍ଯ୍ୟ ବି ଅନେକଙ୍କୁ ପୋଷିଲାଣି । ରେଲଗାଡ଼ିରେ କାରରିଙ୍ଗ ସର୍ଭିସରେ କେତେ ମୁଚରିର ଏମାନଙ୍କ ଜାତି ଧର୍ମ ସ୍ୱୀକାର କରୁଛନ୍ତି । ଗୁଣ୍ଡର ବାଣିଜ୍ୟ ଏବେ ମାନି କେବଳ କରୁନାହାଁନ୍ତି ଯେ କେହି ଲୋକ ବି କରୁଛନ୍ତି । ଗୁଣ୍ଡର ପ୍ରସ୍ତୁତ ଦ୍ରବ୍ୟ ମିଠା ଖାଲି ଦେଖି ଛେଳନା, ଲଡ଼ୁଆ ପିଠା ତଥା ଛଡ଼ା ହୁଡ଼ୁମ ଉଷ୍ଣ ପାଇଁ ଦେବ ମନ୍ଦିର ସହିତ ସର୍ବତ୍ର ମାନ୍ୟତା ରହିଛି । ଏବେ ମୁଡ଼ି ମେଲିନ ଗୁଡ଼ା ମେଲିନ ଗୁଡ଼ା ପ୍ରସ୍ତୁତ କରୁଛନ୍ତି । ଏମାନୁ ଯେ କେହି ବୃଦ୍ଧିରେ ନେଇ ପାରୁଛନ୍ତି । ଜଳ ବୁଲାଇବା ଟ୍ରାକ୍ଟରଙ୍କ ପାଇଁ ବାରଣ ଥିଲା । ହେଲେ ଟ୍ରାକ୍ଟରରେ ଜଳ ସେମାନେ କରିପାରୁଛନ୍ତି । ପଶୁଚାଷ କରି ଗାଈ ମାଂସ ଲୋକମାନେ ଲଥାଉଥିବା ଏକ ବୃଦ୍ଧି, ଏହାକୁ ହିନ୍ଦୁ ଜାତିର ଧୋକା ଓ ମୁସଲମାନ ଜାତିରେ ଜଂଗାଲ ମାନେ ଲଢ଼ୁଥିବେ । ଏବେ ବଡ଼ ବଡ଼ ଗୋଚେଲରେ ଅନେକ ଏପରି ଜଲ୍ଲାଦ ଜାମ କରୁଛନ୍ତି । ମାଛ ବେପାର ଜୈବବର୍ତ୍ତମାନେ କରୁଥିଲେ । ଏବେ ସମସ୍ତଙ୍କୁ ମାଛ ବେପାର ପେଶେଲବାରେ ଲାଗି ଲାଣି । ଲୁଗାବୁଣା ତନ୍ତା ଜାତିର ଏକ ପୋଟ ପୋଷିବା ବୃଦ୍ଧି ଦେଖ ସୁଲଥରେ ଛେଡ଼େ ଲୋକ ଲୁଗା ବୁଣାରେ ଲିପ୍ତ ଏମିତି ପଶ୍ଚିମବଙ୍ଗର କଳିକାତାରେ ଲୋକେ ଲୁଗାଳକରେ ଗୋଦ୍ୱାର ଲୁଗାଳକରେ ଗଡ଼ିର ଲୁଗାଳକ ଏରୋଡ଼ର ଲୁଗାଳକରେ ସବୁଜାତିର ଲୋକ କାମ କରୁଛନ୍ତି ।

ଅତଏବ ବୃଦ୍ଧି ବୁଝନ୍ତୁ । ମଙ୍ଗଳ ହାଣ୍ଡି ଙ୍ଗଟାମାଟିର ଏକ ଘଟ । ଏହା ଲୁମ୍ବାର ଘରୁ ଶୁଭ ବିବାହକୁ ଅଣାଯାଇଥିଲା ଏବେ ବିବାହର ପୂଜାଦି ଉପକରଣ ଏକ ଦୋକାନରୁ କ୍ରୟ କରିବାକୁ ମିଳୁଛି । ଏଥିରେ ମଙ୍ଗଳ ହାଣ୍ଡି ବି ମିଳି ଯାଉଛି । ଲଣ୍ଡ ଶୁଣ୍ଡ କଣ ଥିଣ୍ଡ ଏବେ ଧରାଯାଇନାହିଁ । ପଲତ କଟାଳୀ ପଲତର ପଛ ପଚକୁ ହାଣ୍ଡି ପିଇବାକୁ ଚଳକ ଚଳନା ଥିଲା । ଏବେ କଟାଳୀ ପଲତର ନାସିପଟ କାଟିବାରେ କେହି ବାରଣ କରୁନାହାଁନ୍ତି । ଏପରି ହାଣ୍ଡିରୀ ଅପେକ୍ଷା ବୃଦ୍ଧି ସହଜ ଏଲ କାଉଣ ରହିଛି । ଲୋକାଚାର ଏବେ ଅଣଦେଖା । ସଂସ୍କୃତିରେ ଶଙ୍ଖଧ୍ୱନି ଏକ ଘୋଷଣା ଶବ୍ଦ ରୂପ ଧାରୁଭୂପରେ ଆସେ ଏହା ଶଙ୍ଖୁଆ ପାତକମାନେ ଶୁଭ କାର୍ଯ୍ୟରେ ବଜାଉଥିଲେ । ମାତ୍ର ଏବେ ଯେ କେହି ଶଙ୍ଖ ଧରି ବଜାଉଛନ୍ତି । ହିଁ ହୋଇପାରେ ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣ ପଂଚଜନ୍ୟ ବଜାଇଥିଲେ ଆଉ ହୋଇ ଯୁଦ୍ଧ ଏହାପରେ ଅନେକ ଶଙ୍ଖ ଯାହା ଯୁଦ୍ଧ ଆଚାଳ କରିଥିଲା ୧୮ ଅକ୍ଷୌହିଣୀ ସେନା ହାତି ଘୋଡ଼ା, କେତେ ମିଶିଶ୍ର ହୋଇଥିଲେ, ଏମିତି ସର୍ବ ଶଙ୍ଖ ନିନାଦ ହୁଏତ ଏ ମଙ୍ଗଳ ଶଙ୍ଖ ନହୋଇ ଅମଙ୍ଗଳ ଶଙ୍ଖ ନିନାଦକୁ ଆଉଲେ ନେଉଛି ।

ଦଶି ଦଶଜଣଙ୍କୁ ପୋଷେ । ଦଶି ଅର୍ଥ ଲୁଗାବୁଣା ଗାଲେ ଚଣ୍ଡିପଟର ଶେଷ ଅଂଶ ସର୍ବଦା ଛାଡେ ୧୮ ହାତ ଭଳଣ ହେବାରେ ବଳି ରହେ । ଏହି ବଳକା ଅଂଶକୁ ବହୁ ହେଲେ ଚାଲୁ ଚଣ୍ଡି ପଳାଲ ଯେଉଁ ଏକ ଏକ ଲମ୍ବ ସୂତା ମୋଡ଼ା କରି ପୁଣି ଲୁଗା ବୁଣିବାପରି ବୁଣିବା ଯୋଗୁଁ ସରକୁ ଆଣି ବୁଣାଯାଏ । ଏଥାରି ନାମ ଦଶିଆ । ଏହା ବସ୍ତ୍ର ବ୍ୟବସାୟୀଙ୍କର ଲୁଗା ପିନ୍ଧା ଦଶିଆ ଓ ପୂର୍ବର ଚାଳିକ ମାନଙ୍କର ଉଣ୍ଡୁଳ ଖାଣି ଟେଣ୍ଟ ହାଣ୍ଡି ଆଦି ବନ୍ଧି ବହୁ ଗରୁକୁ ଯାଉଥିଲେ । ଅନେକ ଗରିବ ଲୋକ ଦଶିଆ କିଣି ପିନ୍ଧୁଥିଲେ ଯାହା ବହୁ ଦିନ ବ୍ୟବହାର କରି ଦେଉଥିଲା । ପ୍ରକୃତରେ ଦଶି କହିଲେ ସୂତାକୁ ହିଁ ବୁଝାଉଛି । ଏହା କପାଉ ମିଳେ । କପା ମଞ୍ଜିରୁ ଲୁଗା ହେବା ଯାଏ ଓ ଲୁଗା ବ୍ୟବହାର ହୋଇ ଛିଣ୍ଡି ହୋଇ ଜଳା ଚୁଲ୍‌ରେ ହେଉଯାଏ ପୁଣି ଜଳା ଚୁଲ୍‌ରୁ ସଞ୍ଚ ଗଳିକା କନ୍ଥା ହେବାଯାଏ ଏମଧ୍ୟରେ ବହୁ ବୃଦ୍ଧି ରହିଛି । କପା ମଞ୍ଜିରୁ ପୁନଃ କପା ମଞ୍ଜି ଓ କପା ମଞ୍ଜିରୁ କପା ତେଲ ଯାଏ ଏବି ଏବି ଦଶି ଧରାରେ ରହିଛି ଖୋଜନ୍ତୁ ଏ ମଧ୍ୟରେ କେତେ ବୃଦ୍ଧି ଛୋଟବଡ଼ ହୋଇ ଏ ମଧ୍ୟରେ ଖୁନ୍ଦି ହୋଇଛି । ଜ୍ୟୋତିଷରେ ବୃଦ୍ଧି ନିର୍ଦ୍ଧାରଣ ଏ ସମୟରେ ବଡ଼ ସମସ୍ୟା ଆଣା କରାଯାଉଛି । ଏପରି ବୃଦ୍ଧିମାନ ସ୍ଥିର ହେବା ଅବସ୍ଥା ପୁନଃ ଆସିଲେ ତଳାଳ ଜ୍ୟୋତିଷୀମାନେ ଜନ୍ମ ଜାତକରୁ ସହଜରେ ଲୋକର ବୃଦ୍ଧି କହିବାକୁ ସକ୍ଷମ ହୋଇପାରିବେ । ଛତିଶ ପାତକ ବୃଦ୍ଧି ଧାର୍ଯ୍ୟ ପରେ ଜ୍ୟୋତିଷକ ନିୟମ ଲାଗୁ ହୋଇଥିବା ତାହା ଏବେ ଗଣ୍ଡଗୋଳ ହୋଇଯାଇଛି ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ: ୯୪୩୭୦୩୧ ୨୫୩

ଭୋଟ ପ୍ରକ୍ରିୟାରେ 'ନୋଟା'ର ଗୁରୁତ୍ୱ ରହୁ

॥ ପୁଷ୍ପମିତ୍ର ମହାପାତ୍ର ॥

ଓଡ଼ିଶା ଭୋଟ ୨୪ ପାଇଁ ପୁରା ପ୍ରସ୍ତୁତ । ତିନି ତିନିଟି ବଡ଼ ରାଜନୈତିକ ଦଳ ବିଜେଡ଼ି, କଂଗ୍ରେସ ଓ ବିଜେପି ନିଜର ପ୍ରଭାବୀ ଢଙ୍ଗରେ ପ୍ରଚାର କରି ଲୋକମାନଙ୍କ ପାଖକୁ ଯାଉଛନ୍ତି । ବଳର ଲଢ଼ାଇଗାର ଅଛି, ମଜଭୁତ ସଂଗଠନ ଅଛି, ଅର୍ଥ ପ୍ରତିପତ୍ତି ସବୁକିଛି ଅଛି ହେଲେ ପ୍ରତିବର୍ଷ ନୋଟାରେ ଭୋଟ ପରିମାଣ ବଢ଼ୁଛି କାହିଁକି ? ଏହାର ଧିଆଣ୍ଡର ଉତ୍ତର ହେଉଛି ନିର୍ବାଚନରେ ହିଡ଼ା ହେଉଥିବା ଆମର ଲୋକପ୍ରତିନିଧିମାନେ ଜନତା ଜନାର୍ଦ୍ଦନଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରୁନାହାଁନ୍ତି । ଓଡ଼ିଶାର ଅର୍ଥିତା, ସ୍ୱାଭିମାନ ନିଜ ଅଂଚଳର ବିକାଶ ଓ ନିର୍ବିବାଦୀୟ ବ୍ୟକ୍ତିତ୍ୱ ସର୍ବୋପରି ଲୋକମାନଙ୍କ ସହ ଦେଶ ଭଲ ଭାବେ ମିଶି ପାରୁଥିବା ପ୍ରତିନିଧି ନିର୍ବାଚନକୁ ଆସିଲେ ବିଜୟ ସମ୍ଭାବନା ସୁନିଶ୍ଚିତ । ତେବେ ସର୍ବାଧିକାର ହେଉ ଓଡ଼ିଶାର ବିକାଶ, ଏ ଜାତିର ପ୍ରଗତି ଆଉ ଆମ ମାଟି ମୂଳ

ଦୈନିକ
ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ପଂଚାୟତସ୍ତରୀୟ ଇଷ୍ଟେର ପର୍ବ ପାଳନ

ରାଇକିଆ, ୦୬/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକର ବିଗିନ୍ ପଂଚାୟତରେ ପୁନରୁତ୍ଥାନ ଦିବସ ପାଳନ କରାଯାଇଛି । ସୁଗଡ଼ବାଡ଼ି ଗ୍ରାମ ପଂଚାୟତ ଅଂଚଳରେ ପଂଚାୟତ ସ୍ତରୀୟ ଖ୍ରୀଷ୍ଟିୟାନ ଜନ କଲ୍ୟାଣ ସମାଜ ଦ୍ୱାରା ବହୁ ସଂଖ୍ୟକ ଖ୍ରୀଷ୍ଟୀୟ ଜନସାଧାରଣଙ୍କୁ ନେଇ ଅତି ଆଡ଼ମ୍ବରରେ ପାଳିତ ହେଇଛି ଓ ଏହି ଅବସରରେ ପଂଚାୟତସ୍ତରୀୟ ଖ୍ରୀଷ୍ଟିୟାନ ଜନ କଲ୍ୟାଣ ସମାଜ ଦ୍ୱାରା ଏକ ଶାନ୍ତି ସୋରା ଯାତ୍ରା ମୁରୁଡ଼ିପାଙ୍ଗୀ ଠାରୁ ମୁଖ୍ୟ ରାସ୍ତା ଦେଇ ଲେଙ୍ଗୁମାଝି ହ୍ରଦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଉକ୍ତ ଶୋରା କାର୍ଯ୍ୟର ପରିଚାଳନା ସଭାପତି ବିନେଶ ନାୟକ, ଉପସଭାପତି ସାଗର ଦିଗାଳ ଏବଂ ସାଧାରଣ ସମ୍ପାଦକ ସନ୍ଦୀପ ଦିଗାଳ, ଯୁଗ୍ମ ସମ୍ପାଦକ ସୁନିଲ ପ୍ରଧାନ ଏବଂ କୋଷାଧ୍ୟକ୍ଷ ଲିଶାଳ ଚନ୍ଦ୍ର ପ୍ରଧାନ ସଞ୍ଚାଳନା କରିଥିବା ସୁଲେ, ଉପଦେଷ୍ଟା ବୃନ୍ଦ ଡାନିଏଲ ନାୟକ, ବିଜୟ ନାୟକ ସଭାଯାତ୍ରାକୁ ତଦାରକ କରିଥିବା ବେଳେ ପ୍ରାରମ୍ଭିକ ପ୍ରାର୍ଥନା ପାଳକ ସଞ୍ଜୟ ନାୟକ, ଗଡ଼ୟ ପରିବେଷଣ ପାଳକ ଜିତେନ ନାୟକ, କାଞ୍ଚନାଳ ମଣ୍ଡଳୀ ପାଳକ ଅଜୟ ନାୟକ ଏବଂ ଶୋଭାଯାତ୍ରା ର ଶେଷ ରେ ପାଳକ ଆଚାର୍ଯ୍ୟ ମନୟ ବସନ୍ତ ଚୌହାନ ପବିତ୍ର ବାଇବଲରୁ 'ପୁନରୁତ୍ଥାନ ହିଁ ଆମର ଆଶା' ପ୍ରସଙ୍ଗ ଉପରେ ସୁସମାଚାର ପ୍ରଚାର କରିଥିଲେ । ଏହା ସହ ଉକ୍ତ ଶୋରାଯାତ୍ରା ରେ ଆଂଚଳିକ ଖ୍ରୀଷ୍ଟିୟାନ ଜନକଲ୍ୟାଣ ସମାଜ ରାଇକିଆ ସଭାପତି ଦାନ୍ନେ ପ୍ରଧାନ, ଯୁଗ୍ମ ସମ୍ପାଦକ ପାଳକ ଜିତେନ ନାୟକ ଏବଂ ଅନ୍ୟମାନେ ଯୋଗଦେଇ ଥିଲେ । ଏହି ଶୋଭାଯାତ୍ରା ଏହି ଅଂଚଳର ସମସ୍ତ ଖ୍ରୀଷ୍ଟିୟାନ ମଣ୍ଡଳୀ ଗୁଡିକୁ ନେଇ ପ୍ରଥମ ଥର ଅନୁଷ୍ଠିତ ହେଇଥିବାରୁ ଅଂଚଳରେ ଆନନ୍ଦର ବାତାବରଣ ଆଣିଛି ।

ଘଡଘଡି ଓ ବିଜୁଳି ପ୍ରବାହରେ ଐତିହାସିକ ମହେନ୍ଦ୍ରଗିରିରେ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ, ଅନ୍ୟ ଏକ ଦୁର୍ଘଟଣାରେ ଜଣେ ଗୁରୁତର ଆହତ

ପାରଳାଖେମୁଣ୍ଡି, ୦୬/୦୪(ଆ.ପ୍ର) : ଗଜପତି ଜିଲ୍ଲା ଐତିହାସିକ ମହେନ୍ଦ୍ରଗିରିକୁ ୩ଜଣ ବନ୍ଧୁ ବୁଲିବାକୁ ଯାଇଥିଲେ । ହଠାତ୍ ପ୍ରବଳ ଘଡଘଡି ଓ ବିଜୁଳି ପ୍ରବାହ ଯୋଗୁଁ ଜଣେ ପର୍ଯ୍ୟଟକଙ୍କ ପରଲୋକ ଘଟିଛି । ଘଟଣାରୁ ପ୍ରକାଶ କଟକ ଜିଲ୍ଲା ନିଆଳି ବ୍ଲକ ଓଲଟପୁର ବିନୋଦ କେନା ତିନିଜଣ ବନ୍ଧୁଙ୍କ ସହ ପାରଳାଖେମୁଣ୍ଡିରେ ଓଡ଼ୁଆ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇ ସେଠାରୁ ଏକ ଭଡା ଗାଡି ଯୋଗେ ମହେନ୍ଦ୍ରଗିରି ଯାତ୍ରା କରିଥିଲେ । ସେମାନେ ଭୀମ ମନ୍ଦିର ନିକଟରେ ପହଂଚିଲା ପରେ ହଠାତ୍ ବର୍ଷା ଓ ବିଜୁଳି ପ୍ରବାହ ହେବାରୁ ସେହି ଭୀମ ମନ୍ଦିର ନିକଟରେ ଆଶ୍ରୟ ନେଇଥିଲେ । ପରେ ବିନୋଦ ଆଶ୍ରୟ ପାଇଁ ଆଗକୁ ଯାଇଥିଲେ । ପରେ ତାଙ୍କ ସାଙ୍ଗ ମାନେ ତାଙ୍କୁ ଖୋଜାଖୋଜି କରିଥିଲେ । କିନ୍ତୁ ପାଇନଥିଲେ । ପରେ ସେଠାରେ ଅବସ୍ଥାପିତ ବନ ବିଭାଗ କର୍ମଚାରୀଙ୍କ ସହଯୋଗ ଲୋଡିଥିଲେ । ତତ୍ ସଂଗେସଂଗେ ଗାରାବନ୍ଧ ପୋଲିସ ଏବଂ ରାମଗିରି ବନବିଭାଗ ସହାୟତାରେ ଖୋଜାଖୋଜି ଆରମ୍ଭ କରିଥିଲେ । ପରେ ତାଙ୍କର ମୃତଦେହ ଭୀମ ମନ୍ଦିର ନିକଟରେ ମିଳିଥିଲା । ଗାରାବନ୍ଧ ପୋଲିସ ତଦନ୍ତ ଆରମ୍ଭ କରିଛନ୍ତି । ଅନ୍ୟ ଏକ ଘଟଣାରେ ପରଳାଖେମୁଣ୍ଡିର ମୁକେଶ ପାଣିଗ୍ରହୀ ନିଜ ବନ୍ଧୁ ମାନଂକ ସହ ପୁରୀ ଜଗନ୍ନାଥ ଦର୍ଶନ ସାରିବା ପରେ ପାରଳାଖେମୁଣ୍ଡି ଫେରୁଥିବା ବେଳେ ଆନ୍ଧ୍ରପ୍ରଦେଶର ପଲାସା ଜାତୀୟ ରାଜପଥରେ ପ୍ରବଳ ଘଡ଼ଘଡ଼ି ହେବାରୁ ସେମାନେ ଆସୁଥିବା ଗାଡିଟି ନିୟନ୍ତ୍ରଣ ହରାଇଥିଲା । ହଠାତ୍ ପ୍ରବଳ ପବନ ସ୍ରୋତରେ ସେମାନଙ୍କ ଗାଡି ବାମରୁ ଡାହାଣ ପଟକୁ ବୁଲିଯା ସମୟରେ ସାମନାରୁ ଆସୁଥିବା ଟ୍ରକ ସହ ଧକ୍କା ହୋଇଥିଲା । ପରେ ରାସ୍ତା ଭରରେ ଛିଟିକି ପଡିଥିଲା । ସଂଗେସଂଗେ ପଲାସା ପୋଲିସ ଆସି ଆହତ ଯାତ୍ରୀ ମାନଙ୍କୁ ଉଦ୍ଧାର କରିଥିଲେ । ମୁକେଶଙ୍କ ଅବସ୍ଥା ଗୁରୁତର ଥିବାରୁ ବିଜିସୀ ପାଇଁ ଦିଶାପାଟଣା ସ୍ଥାନାନ୍ତର କରାଯାଇଛି । ଏହି ଘଟଣା ସମ୍ବନ୍ଧ ପାରଳାଖେମୁଣ୍ଡି ସହରରେ ଆଶ୍ଚର୍ଯ୍ୟ କରିଛି । ମୁକେଶଙ୍କ ଆତ୍ମୀୟମାନେ ସମସ୍ତ ପ୍ରାର୍ଥନା କରିଛନ୍ତି । କାରଣ ମୁକେଶ ସମସ୍ତଙ୍କ ସହ ମିଷ୍ଟ ଭାଷୀ ଓ ନମ୍ର ଅଟନ୍ତି ।

ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ

ଯାଜପୁର, ୦୬/୦୪(ଆ.ପ୍ର) : ଓଡ଼ିଶା ଦିବସ ଠାରୁ ଆରମ୍ଭ ହୋଇ ମହାଶିବରାତ୍ରି ପର୍ଯ୍ୟନ୍ତ ସାରା ରାଜ୍ୟରେ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ ହେଉଛି ଓଡ଼ିଆ ପକ୍ଷ । ଏହି 'ଓଡ଼ିଆ ପକ୍ଷ' କୁ ଆଧାର କରି ଷଷ୍ଠ ଦିବସ ତଥା ତା-୦୬-୦୪-୨୦୨୬- ଶିଶୁ ଯାଜପୁର ଜିଲ୍ଲାସ୍ତରୀୟ ବେଦୋଳନ ଓ ଐତିହ୍ୟ ସ୍ତ୍ରୀ ଗୁଡ଼ିକର ସାମୁହିକ ସ୍ୱଚ୍ଛତା ଅଭିଯାନ,ପୁରାଣ ପ୍ରସିଦ୍ଧ ଦଶାଶ୍ୱମେଧ ଘାଟ ଓ ଜଗନ୍ନାଥ ମନ୍ଦିର ପରିସରରେ ସକାଳ ୬:୩୦ ଘଟିକା ସମୟରେ ଏହି କାର୍ଯ୍ୟକ୍ରମ ଯାଜପୁର ପୌରପାଳିକା ଓ ଜିଲ୍ଲା ପ୍ରଶାସନ, ଯାଜପୁର ଆନୁକୂଲ୍ୟ ରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଅମର କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ପୌରପାଳିକାର ଅଧ୍ୟକ୍ଷ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ଜନସାଧାରଣ ମାନଙ୍କୁ ନେଇ ଏହି ଐତିହ୍ୟ ସ୍ତ୍ରୀ ଗୁଡ଼ିକରେ ସାମୁହିକ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା । ଓଡ଼ିଆ ଜାତୀୟତା ଏବଂ ଓଡ଼ିଆ ପରମ୍ପରା ବଜାୟ ରଖିବାରେ ଏହି ଐତିହ୍ୟ ସ୍ତ୍ରୀ ଗୁଡ଼ିକର ଭୂମିକା ଅତୁଳନୀୟ ବୋଲି ଏକ ବାର୍ତ୍ତା ସାଧାରଣ ନାଗରିକ ମାନଙ୍କୁ ଦିଆଯାଇଥିଲା । ଏହି କ୍ରମରେ ଜିଲ୍ଲାବ୍ୟାପୀ ବିଭିନ୍ନ ମନ୍ଦିର ଏବଂ ଧାର୍ମିକ ପୀଠ ଗୁଡ଼ିକରେ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧି ମାନଙ୍କୁ ନେଇ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା, ବିଭିନ୍ନ ବ୍ଲକ ଅଂଚଳରେ ଥିବା ଦେବୀ ଦେବୀ ପୀଠ ସ୍ଥଳରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।

ଅସ୍ତରଙ୍ଗର ସବୁ ପଂଚାୟତରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳନ



ଅସ୍ତରଙ୍ଗ, ୦୬/୦୪(ଆ.ପ୍ର) : ଅସ୍ତରଙ୍ଗ ବ୍ଲକର ସବୁ ପଂଚାୟତରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଅସ୍ତରଙ୍ଗ ପଂଚାୟତ ପଛପୁର ବ୍ଲକ ନିଜେସ୍ତୁ ଜାଗୁଳେଇ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ଅନୁଗୁଡିତ ଜାତି ମୋର୍ଚା ସଭାପତି ତଥା କଳଚପୁର ବିଜେପି ନେତା ବାଲଧର ମଲ୍ଲିକ, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ମଣ୍ଡଳ ସଭାପତି ଲମ୍ବୁମଣି ଜେନା,ନୂଆଗଡ ମଣ୍ଡଳ ସଭାପତି ନରେଶ ପତି, କୁଆଗଡ ସରପଂଚ ଜିତେନ୍ଦ୍ର ସ୍ୱାଇଁ, ଅସ୍ତରଙ୍ଗ ସରପଂଚ ଲାମଚନ୍ଦ୍ର ରାଣ୍ଡି ସମେତ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ନାୟକ, ହେମନ୍ତ କଣ୍ଡିଆ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଂଚାୟତର ଆଗୁଆଡିର ବିଜେପି କର୍ମୀ ଓ ମହିଳା ଭୋଟର ବହୁସଂଖ୍ୟାରେ ଯୋଗଦେଇଥିଲେ । ପ୍ରତିବେଦନ ଦିବସରେ ସେମାନେ ଦଳର ପତାକା ଉତ୍ତୋଳନ କରିଥିଲେ । ବିଜେପି ରାଷ୍ଟ୍ରର ପ୍ରଥମ ମନ୍ତ୍ରୀ ଅନୁପ୍ରାଣିତ ରାଷ୍ଟ୍ରବାଦୀ ପରିବାର ଏବେ ବିଶାଳ ବଟ ବୃକ୍ଷରେ ପରିଣତ ହେବା ସଦୃଶ ଭାରତୀୟଙ୍କ ଆଶା ଓ ବିଶ୍ୱାସକୁ ପରିପୂର୍ଣ୍ଣ କରିବା, ରାଜପାଟ ବିକାଶ ଯାତ୍ରା କ୍ଷମତା ପାଇଁ ନୁହେଁ, ସଂସ୍କାର ଓ ସେବାର ଏକ ନିରନ୍ତର ପ୍ରବାହ ବୋଲି କୁହାଯାଇଛି । ଅନ୍ତ୍ୟୋଦୟରୁ ରାଷ୍ଟ୍ରୋଦୟ' ପର୍ଯ୍ୟନ୍ତ ସଂକଳ୍ପ, ଲୋକଙ୍କ ନିକଟରେ ଜନହିତକାରୀ ଯୋଜନା ପଂଚାଳନା ମୂଳ ଲକ୍ଷ ଅଟେ ବୋଲି ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଶ୍ରୀ ଛାଟୋଇ କହିଥିଲେ ସିଲ୍ପ ଜୀବନ ବିଚାରଧାରା ବିଷୟରେ କହିଥିଲେ । ବିଜେପି ରାଷ୍ଟ୍ରର ପ୍ରଥମ ମନ୍ତ୍ରୀ ଅନୁପ୍ରାଣିତ ରାଷ୍ଟ୍ରବାଦୀ ପରିବାର ଏବେ ବିଶାଳ ବଟ ବୃକ୍ଷରେ ପରିଣତ ହେବା ସଦୃଶ ଭାରତୀୟଙ୍କ ଆଶା ଓ ବିଶ୍ୱାସକୁ ପରିପୂର୍ଣ୍ଣ କରିବା, ରାଜପାଟ ବିକାଶ ଯାତ୍ରା କ୍ଷମତା ପାଇଁ ନୁହେଁ, ସଂସ୍କାର ଓ ସେବାର ଏକ ନିରନ୍ତର ପ୍ରବାହ ବୋଲି କୁହାଯାଇଛି । ଅନ୍ତ୍ୟୋଦୟରୁ ରାଷ୍ଟ୍ରୋଦୟ' ପର୍ଯ୍ୟନ୍ତ ସଂକଳ୍ପ, ଲୋକଙ୍କ ନିକଟରେ ଜନହିତକାରୀ ଯୋଜନା ପଂଚାଳନା ମୂଳ ଲକ୍ଷ ଅଟେ ବୋଲି ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଶ୍ରୀ ଛାଟୋଇ କହିଥିଲେ

ବିରାଗୁଡ଼ା ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ

ବାଲିଗୁଡ଼ା, ୦୬/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ବିରାଗୁଡ଼ା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଶିଶୁ ବାଟିକାରେ ସାତ ଜଣ ଶିଶୁ ନୂତନ ଭାବରେ ନାମ ଲେଖାଇଛନ୍ତି । ନୂତନ ଭାବରେ ବିଦ୍ୟାଳୟକୁ ଖଡ଼ି ଛୁଆଁ ପାଇଁ ଆସିଥିବା ଶିଶୁ ଓ ଅଭିଭାବକ ମାନଙ୍କୁ ପ୍ରଧାନ ଶିକ୍ଷକ ଅଲେଖ ଉଣା ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ପରେ ଶିଶୁ ବାଟିକାରେ ନାମ ଲେଖିବା ପାଇଁ ଆସିଥିବା ଶିଶୁମାନଙ୍କୁ ପ୍ରଧାନ ଶିକ୍ଷକ ଶ୍ରୀ ଲଣା ଖଡ଼ି ଛୁଆଁଇଥିଲେ । ଏହି ଅବସରରେ ପ୍ରସ୍ତୁତ ହୋଇଥିବା ଖେଳଘର, ରଙ୍ଗର ତୁମ୍ପିଆ ଓ ଗପ ରାଜକ କୋଣ ଗୁଡ଼ିକରେ ଶିଶୁ ମାନଙ୍କ ପାଇଁ ବିଭିନ୍ନ ଶିକ୍ଷଣ କାର୍ଯ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ, ସଦସ୍ୟା ତଥା ଅଭିଭାବକ ମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ଲକ୍ଷ୍ମୀକାନ୍ତ ପୃଷ୍ଟି, ଶିକ୍ଷୟିତ୍ରୀ ଅଞ୍ଜଳୀ ମଲିକ ଓ ସମିତା ପୃଷ୍ଟି ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁ ରାବରେ ସଂପାଦନ କରିଥିଲେ ।

ବିଜେପି ସରସରା ମଣ୍ଡଳ ପକ୍ଷରୁ ଉପ ଜିଲ୍ଲାପାଳଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନା

ବଣାଇଁ, ୦୬/୦୪(ଆ.ପ୍ର) : ନିଯୁକ୍ତ ବଣାଇଁ ଉପ ଜିଲ୍ଲାପାଳ ଅଶୋକ କୁମାର ଦାସ କୁ ସାକ୍ଷାତ କରି ସ୍ୱାଗତ ଜଣାଇବା ସହ ସରସରା ମଣ୍ଡଳର ବିଜିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ମଣ୍ଡଳ ସଭାପତିଙ୍କ ସହ ସାଧାରଣ ସମ୍ପାଦକ ଶିବ ସୁନ୍ଦର ରାଉତ, କର୍ମୁ କିଶାନ, ମଣ୍ଡଳ କୋଷାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ମଣ୍ଡଳ ଉପ ସଭାପତି ପ୍ରଶାନ୍ତ କୁମାର ସାହୁ , ଚୈତନ୍ୟ ସାମଲ, ବିଜୟ ଭୂମିକ୍ ପ୍ରମୁଖ ଉପସ୍ଥିତ ଥିଲେ ।

ଜଳ ସେବା କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତୁତି ବୈଠକ

ଟାଙ୍ଗୀ ଗୋଟ୍ୱାର, ୦୬/୦୪(ଆ.ପ୍ର) : ଗୋଟ୍ୱାର ଅଂଚଳର ଅଗ୍ରଣୀ ସାମାଜିକ ସଂଗଠନ ଉଦ୍ଧାର ଫାଉଣ୍ଡେସନ (ଟାଙ୍ଗୀ ଗୋଟ୍ୱାର ବ୍ଲକ ନୋଡାଲ ଏଜେଣ୍ଟ) କର୍ମକର୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ପରିବର୍ତନ କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉଦ୍ଧାର ଫାଉଣ୍ଡେସନର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ପଣା ସଂକ୍ରାନ୍ତି ଠାରୁ ଜଳ ସେବା କେନ୍ଦ୍ର କିପରି ଭବଘାଟନ ହେବ ସେ ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଉଦ୍ଧାର ଫାଉଣ୍ଡେସନର ନୂତନ କର୍ମକର୍ତାଙ୍କ ଯୋଗଦାନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ନୂତନ ସଦସ୍ୟ ଶ୍ରୀମନ୍ତ ଅଂଶୁମାନ ଜଲଙ୍କୁ ସଭାପତି ଶ୍ରୀଯୁକ୍ତ ନରୋତମ ଦାସ ଓ ଉପସଭାପତି ଦିଲୀପ କୁମାର ସାହୁ ପୁଷ୍ପ ଗୁଚ୍ଛା ଦେଇ ସ୍ୱାଗତ ଅର୍ପଣ କରିଥିଲେ । ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ବୃଦ୍ଧିରେ ଲକ୍ଷ୍ୟ ଜନସେବା କେନ୍ଦ୍ରକୁ କିପରି ଚାଲୁ ରଖିବ ତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ବୈଠକରେ କୋଷାଧ୍ୟକ୍ଷ କେଦାର ନାଥ ସାହୁ, ସହ ସମ୍ପାଦକ ସରୋଜ କୁମାର ସାହୁ, ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ଜେନା, ସୁମନ ରାଉତ, ସୃଷ୍ଟି ରଞ୍ଜନ ପରିଡା, ସୋମ୍ୟ ରଞ୍ଜନ ପରିଡା, ଚନ୍ଦନ ସ୍ୱାଇଁ, ସନ୍ତୋଷ କୁମାର ମହାପାତ୍ର, ସୁଭ୍ରତ ଖଟୁଆ, ସୁଜାତ ମୁର୍ମୁ, ସୋହୁ ରାୟ, ସାଜିଲ ସୁନନ୍ଦ ସାହୁ , ରାମଚନ୍ଦ୍ର ପୂର୍ତି, ମଙ୍ଗଳ ମୁର୍ମୁ, ଅମର କୁମାର ନାୟକ, ଶିବମ ବେହେରା, ଓ ସୁଜାତ ଜିସକୁ ପ୍ରମୁଖ ଉପସ୍ଥିତ ଥିଲେ ।

ଜି.ଉଦୟଗିରିରେ ଖଡ଼ିଛୁଆଁ ରଥର ଶୁଭାରମ୍ଭ

ଜି.ଉଦୟଗିରି, ୦୬/୦୪(ଆ.ପ୍ର) : ଜି.ଉଦୟଗିରି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆଜି ଖଡ଼ିଛୁଆଁ ରଥ ଭ୍ରମଣର ଶୁଭାରମ୍ଭ ହୋଇଛି । ଏହି ଶିକ୍ଷା ରଥ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ଯାତ୍ରା ଆରମ୍ଭ କରି ସହରର ବିଭିନ୍ନ ପୁର ପଲ୍ଲୀ, ଗଳିକନ୍ଧି ପରିକ୍ରମା କରି ଛାତ୍ରୀଛାତ୍ର ମାନଙ୍କୁ ବିଦ୍ୟାଳୟକୁ ଯିବା ସହ ପାଠପଢ଼ା ପ୍ରତି ଆଗ୍ରହୀ କରିବାକୁ ସଚେତନତା ସୃଷ୍ଟି କରିବ । ବ୍ଲକ ଶିକ୍ଷା ଅଧିକାରୀ କେଶବ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ବ୍ଲକ ଜନ୍ୟନ୍ନ ଅଧିକାରୀ



ସତ୍ୟନାରାୟଣ ମିଶ୍ର ଓ ଅତିରିକ୍ତ ତହସିଲଦାର ଦେବାଶିଷ ଜେନା ପତାକା ଦେଖାଇ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏବିଇଓ ତଥା ବିଆରସିସି ନିବେଦିତ ପ୍ରଧାନ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ପରିଚାଳନା କରିଥିଲେ । ପୁରୋହିତଙ୍କ ଦ୍ୱାରା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା । ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ପାଠ ପଢ଼ା ପ୍ରତି ଆଗ୍ରହ ବଢ଼ାଇବା ଓ ସମସ୍ତଙ୍କୁ ଶିକ୍ଷା ସ୍ରୋତରେ ଯୋଡ଼ିବା ଉଦ୍ଦେଶ୍ୟରେ ସରକାର ଏହି ଖଡ଼ିଛୁଆଁ ରଥ ଅଭିଯାନକୁ ପ୍ରଚଳିତ କରିଛନ୍ତି । ଏହି ଅବସରରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ଆଧାର କାର୍ଡରେ ନାମ ତ୍ରୁଟି ଥିବା ହେତୁ ଝିଅର ପାଠ ପଢ଼ିବାରେ ଅସୁବିଧା

ଟିକାବାଲି, ୦୬/୦୪(ଆ.ପ୍ର) : ଟିକାବାଲି ବ୍ଲକ ଅନ୍ତର୍ଗତ କଟିମାଳା ଗ୍ରାମପଂଚାୟତ ନିକଟସ୍ଥ ଦିନାତାଡ଼ା ଗ୍ରାମର ପିତା, ବାବୁଜି କର୍ଣ୍ଣଙ୍କ ଝିଅ ନାମ, ଶୁଭସ୍ମିତା କର୍ଣ୍ଣଙ୍କ ବୟସ (୯+)ଜଣୁ ପ୍ରମାଣ ପତ୍ର ଅନୁସାରେ ଆଧାର କାର୍ଡରେ ନାମ ନ ଥିବାରୁ ଝିଅଟି ପାଠ ପଢ଼ିବାରେ ଅସୁବିଧାର କାରଣ ହେଉଛି । ଆଧାର କାର୍ଡରେ ସମସ୍ତ ତଥ୍ୟ ଠିକ ଥିବା ବେଳେ କେବଳ ନାମ ଶୁଭସ୍ମିତା କର୍ଣ୍ଣର ସ୍ଥାନ ରେ (ପ୍ରିୟଦର୍ଶିନୀ କର୍ଣ୍ଣର)ଥିବା ତ୍ରୁଟି ରହିଛି । ବୀମା ଦିନ ହେବ ଆଧାର କାର୍ଡରେ ଥିବା ପ୍ରିୟଦର୍ଶିନୀ କର୍ଣ୍ଣର ନାମ କୁ ଶୁଭସ୍ମିତା କର୍ଣ୍ଣର କରିବା ସଂଶୋଧନ ପାଇଁ ଆଧାର କେନ୍ଦ୍ର ରେ ଆବେଦନ କରିଥିଲେ ସୁଦ୍ଧା ତାହା ପରିବର୍ତନ ହେଉନାହିଁ ବୋଲି, ଶୁଭସ୍ମିତା କର୍ଣ୍ଣଙ୍କ ବାପା ଅଭିଯୋଗ କରିଛନ୍ତି । ଆଧାର କାର୍ଡ ପରିବର୍ତନ ହେଉନ ଥିବାରୁ ବିଦ୍ୟାଳୟରେ ପାଠ ପଢିବା ରେ କିମ୍ବା କୌଣସି ସରକାରୀ କ୍ଷେତ୍ରରେ ଆବେଦନ କରିବା ନେଇ ବଂଚିତ ହେଉଛନ୍ତି, ଅନେକ ସମୟରେ ନାର୍ଜି ନ ଥିବାର ସମ୍ମୁଖୀନ ହେଉଛନ୍ତି । ଏଠି ପ୍ରଶ୍ନ ଉଠୁଛି ଆଧାର କେନ୍ଦ୍ରରେ ଅନଲାଇନ କାର୍ଯ୍ୟରେ ସରକାର ଏହାକୁ ସଂଶୋଧନ କରିବା ପାଇଁ ଅବଗତ କରିଛନ୍ତି, ଆବେଦନ ପରେ ମଧ୍ୟ ତାହା ସମ୍ପନ୍ନତା ମିଳୁନି ତେଣୁ ଏହି ପ୍ରିୟଦର୍ଶିନି କର୍ଣ୍ଣର ନାମକୁ ସଂଶୋଧନ କରି ଶୁଭସ୍ମିତା କର୍ଣ୍ଣର କରି

ଦୈନିକ
ଆରମ୍ଭ
SEITHO AKAMBHA
ମଙ୍ଗଳବାର, ୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ନୂଆପଡ଼ାରେ ଜିଲ୍ଲାପାଳ-ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ୯୧ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ

ନୂଆପଡା,୦୬/୦୪(ଆ.ପ୍ର) : ନୂଆପଡା ଜିଲ୍ଲା ସଦରମହକୁମା ସ୍ଥିତ ସଦଲାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ବାଣ୍ଡ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିତ ଖାନ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର କୁମାର ସାହୁ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏ. ମାଧବୀଲତା, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜୟୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉଣ୍ଡଳିଡ୍ ନାୟକ, ଉପ ଜିଲ୍ଲାପାଳ ସୁମି ଚୋରଡ଼େନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ ଓ ପଂଚାୟତ ସମିତି ଅଧ୍ୟକ୍ଷା ଗାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଶିବିରରେ ୮୧ଟି ବ୍ୟକ୍ତିଗତ ଓ ୧୦ଟି ଗୋଷ୍ଠୀଗତ ମିଶି ମୋଟ ୯୧ଟି ଅଭିଯୋଗର ଶୁଣାଣୀ କରାଯାଇଥିଲା । ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଦେବଦାର ଶବର ଓ ଜାନକୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ପ୍ରତିଜଣଙ୍କୁ ୫ ହଜାର ଟଙ୍କା ହାରେ ତତ୍କାଳିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଶିବିର ପରିଚାଳନାରେ ବିଡିଓ ରୋହିତ ରୋଜ, ତହସିଲଦାର ପ୍ରମିତ ପ୍ରଧାନ ସାହୁ, ଡେପୁଟି କଲେକ୍ଟର ଚିତ୍ରସେନ ସାଗର ଓ ଜଳାରେରୁ ଦଣ୍ଡସେନା ସହଯୋଗ କରିଥିଲେ । ସଭାରେ ଜିଲ୍ଲା ସରକାରୀ ଅଧିକାରୀ, ବିଭିନ୍ନ ବିଭାଗର ଯକ୍ଷୀ, ବ୍ଲକ ସ୍ତରୀୟ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ସହ ଅବସରରେ ଚରିଷ୍ଟ ନାଗରିକଙ୍କ ପାଇଁ ଏକ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା । ଅପରାହ୍ନରେ ବିରୋମାଲ ଗ୍ରାମ ପଂଚାୟତରେ ପରିବର୍ତ୍ତିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ, ପ୍ରବାସୀ ଶ୍ରମିକ ସଚେତନତା, "ଝିଅ ପାଇଁ ଗଛଟିଏ", "ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ" ଓ "ପ୍ରାଣୀ ପାଇଁ ଦିନଟିଏ" ପରି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ।

ଲୋକନାଥ ମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ପୁରୀ, ୦୬/୦୪(ଆ.ପ୍ର) : ଓଡିଶା ସରକାରଙ୍କ ନିର୍ଦ୍ଦେଶ ମୁତାବକ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଇଛି । ତେଣୁ ପୁରୀ ମହାନଗର ନିଗମ ଦ୍ୱାରା ପ୍ରସିଦ୍ଧ ଶ୍ରୀଲୋକନାଥ ମନ୍ଦିର ପରିସରରେ ସୋମବାର ପ୍ରତ୍ୟୁଷରୁ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା । ଏଥିରେ ପୁରୀ ମହା ନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ଓ ସାମାଜିକ ଅନୁଷ୍ଠାନ ହାସିନେସ ପାଉଣ୍ଡେସନର ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗ ଦେଇ ସ୍ୱଚ୍ଛତାରେ ସାମିଲ ଥିଲେ । ଏହା ସହ ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଦିନିକୁ ଏତିଥର୍ଯ୍ୟ, ପର୍ଯ୍ୟଟନ ସ୍ଥଳୀ ଆଦି ମାନଙ୍କରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ହିଙ୍ଗୁଳା ଏରିଆ ପକ୍ଷରୁ ରକ୍ତଦାନ ଶିବିର



ତାଳଚେର, ୦୬/୦୪(ଆ.ପ୍ର) : ହିଙ୍ଗୁଳା ଏରିଆର ବଳରାମ କଲୋନୀ ଠାରେଥିବା ଏକଜୟ କ୍ଲବରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ହିଙ୍ଗୁଳା ଏରିଆର ମହାପ୍ରବନ୍ଧକ ସୁଜୀତ ବସନ୍ତ ରାଓ ଯୋଗ ଅନୁଷ୍ଠାନିକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ହିଙ୍ଗୁଳା ଏରିଆ ମହିଳା ମଣ୍ଡଳର ସଭାପତି ଅମ୍ବିକା ଯୋଶୀ ଓ ସଦସ୍ୟା ମନେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । କାର୍ମିକ ଅଧିକାରୀ ରାମଦାସ ଗୁପ୍ତ, ବଳରାମ ପୁଲକ ଅଧିକାରୀ, ମାଳୀ ମେଟ୍ରୋ ଟଂଚଳା ସାହୁ ଓ ଫୁଟମା ଦେବେଶ୍ୱରୀ ସମେତ ଶତାଧିକ ଏମପିଏଲ କର୍ମଚାରୀ ରକ୍ତ ଦାନ କରିଥିଲେ । ଏଥିରେ ଉପଖଣ୍ଡ ବିଜିଏ ଅଧିକାରୀ ତାଙ୍କର ସହକର୍ମୀମାନଙ୍କ ସହିତ ଯୋଗ ଦେଇ ରକ୍ତ ସଂଗ୍ରହ କରିବା ସହିତ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ବଂଟନ କରିଥିଲେ । ବିଶିଷ୍ଟ ସମାଜ ସେବୀ ବଳରାମ ପତି ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

ଭାରତୀୟ ସେନାବାହିନୀରେ ଅଗ୍ନିପଥ ଯୋଜନାରେ ଜିଲ୍ଲାର ଯୁବାବର୍ଗଙ୍କ ଭର୍ତି ସମ୍ବନ୍ଧୀୟ ବୈଠକ

ନବରଙ୍ଗପୁର, ୦୬/୦୪(ଆ.ପ୍ର) : ଗତ ୦୪/୦୪/୨୦୨୬ ତାରିଖରେ ନବରଙ୍ଗପୁରର ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଭାରତୀୟ ସେନାରେ ଅଗ୍ନିବୀର ନିଯୁକ୍ତି ପାଇଁ ଅଶୋକ ମେହେତା ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗୋପାଳପୁରର ସେନା ନିଯୁକ୍ତି ଅଧିକାରୀ ଇର୍ଦ୍ଦେଲ କଲ୍ୟାଣ କୁମାର ରେଡ୍ଡି ଅଗ୍ନିବୀରର ଚୟନ ଏବଂ ସୁବିଧା ବିଷୟରେ ଅବଜାନକରେ ସୂଚନା ଦେଇଥିଲେ । ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିଡଓ ନାରାୟଣ ଦଣ୍ଡାସେନ, ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ସହର ତିଗ୍ରୀ କଲେଜର ଅଧ୍ୟକ୍ଷ, ଜିଲ୍ଲା କଲ୍ୟାଣ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଉପସ୍ଥିତ ଥିଲେ । ଅଗ୍ନିବୀର ପଞ୍ଜିକରଣର ଶେଷ ତାରିଖ ୧୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ଏବଂ ଉପସ୍ଥିତ ସମସ୍ତଙ୍କୁ ଅଶ୍ଳୀଳ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ନବରଙ୍ଗପୁର ଜିଲ୍ଲାର ଯୋଗ୍ୟ ଯୁବକମାନଙ୍କୁ ସର୍ବାଧିକ ପଞ୍ଜିକରଣ କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଯଦି କୌଣସି ପ୍ରାର୍ଥୀ କୌଣସି ଆର୍ଥିକ ସଂକଟର ସମ୍ମୁଖୀନ ହୁଅନ୍ତି, ତେବେ ରେଡକ୍ରସ୍ ପାଣ୍ଠିରୁ ପଞ୍ଜିକରଣ ଫି ବାବଦ ୨୫୦ ଟଙ୍କା ବହନ କରାଯିବ ବୋଲି ସୂଚନା ଦିଆଯାଇଥିଲା । ସୂଚନା ଯୋଗ ଯେ ସେନାବାହିନୀରେ ଜାମ କରିବା ପାଇଁ ଆଗ୍ରହୀ ଯୁବବର୍ଗ www.joinindianarmy.nic.in ୱେବସାଇଟ ରେ ଅନଲାଇନ ଆବେଦନ କରିପାରିବେ । ନିୟମିତ କ୍ୟାଡ଼ର ପଦବୀ ବ୍ୟତୀତ ଟେକ୍ନିକାଲ ଷ୍ଟ୍ରିମ୍ ରେ ଅନେକ ପଦବୀ ରେ ମଧ୍ୟ ଆବେଦନ କରିବାକୁ ଆହ୍ୱାନ କରାଯାଇଛି । ଦେଶ ମାତୃକାର ସେବା ଓ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆବେଦନ କରିବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ ଏବଂ ସମସ୍ତ ବି ଡି ଓ ତାଙ୍କ ଅଂଚଳରେ ଯେଉଁ ଅଧିକରୁ ଅଧିକ ଯୁବା ପଞ୍ଜୀକରଣ କରିବେ ସେଥିପାଇଁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଷଷ୍ଠ ଦିନରେ ସ୍ୱଚ୍ଛତା ଅଭିଯାନ

ଖୋର୍ଦ୍ଧା, ୦୬/୦୪(ଆ.ପ୍ର) : ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟର ସମସ୍ତ ଜିଲ୍ଲାରେ ଓଡ଼ିଆ ପକ୍ଷ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ପଣା ସଂକ୍ରାନ୍ତି ତଥା ମହା ବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଆରମ୍ଭ ପର୍ଯ୍ୟନ୍ତ ପାଳନ କରାଯାଉଅଛି । ଏହି ଉପଲକ୍ଷେ ଆଜି ଅପ୍ରେଲ ୬ ତାରିଖ ବିଜିନ୍ନ ବେଦାଳୟ ଓ ଏତିଥ୍ୟ ସ୍ଥଳୀ ଗୁଡ଼ିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ସଦର ମହକୁମା ବରୁଣେଇ ମନ୍ଦିର ପୀଠ ଠାରେ ସଫେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର କମିଶନର, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକଙ୍କ ପ୍ରତିନିଧିତ୍ୱରେ ଅନୁଷ୍ଠିତ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ପୌର କମିଶନର ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୋଭିଏ ରଞ୍ଜନ ମହାନ୍ତି, ଖୋର୍ଦ୍ଧା ପୌର କମିଶନର ସମସ୍ତ ୱାର୍ଡ ସଭ୍ୟ ଓ ସଭ୍ୟ, ସ୍ୱେଚ୍ଛା ସେବୀ ସଂଗଠନ କର୍ମଚାରୀ ମାନେ ଯୋଗ ଦେଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ । ଅତିଥି ମାନେ ଓଡ଼ିଆଭାଷା ପାଳନର ଉଦ୍ଦେଶ୍ୟ ଓ ଆଲିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିବାସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ପାଇଁ ସ୍ୱଚ୍ଛତା ଅତି ଜରୁରିବୋଲି ଉଦବୋଧନ ପ୍ରଦାନ କରିଥିଲେ । ନିଜର ଘର,ବାଡ଼ି, ବଗିଚା, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ପରିସର ତଥା ବିଜିନ୍ନ ଏତିଥ୍ୟ ଓ ବେଦାଳୟ ସ୍ଥାନ, ସର୍ବସାଧାରଣ ସ୍ଥାନ ଗୁଡ଼ିକୁ ସଫା ସୁତରା ରଖିବାକୁ ହେଲେ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

ନିମାପଡ଼ାରେ ଜଳ ଛତ୍ର ଉଦ୍‌ଘାଟିତ

ନିମାପଡା, ୦୬/୦୪(ଆ.ପ୍ର) : ଦୁଃଖର ସାଥୀ ପରିବାର ସେବା ଟ୍ରଷ୍ଟ ତରଫରୁ ଭୁବନେଶ୍ୱରରୁ ପୁରୀକୁ ଯାତ୍ରାକରା ୩୧୬ ଜାତୀୟ ରାଜପଥ ପିପିଲି ଓଭର ବ୍ରିଜ ନିକଟରେ ଅସହ୍ୟ ଖରାକୁ ଦେଖି ଟ୍ରଷ୍ଟର ସଭାପତି ଗଜେନ୍ଦ୍ର ବେହେରାଙ୍କ ପରାମର୍ଶ କ୍ରମେ ଏକ ଜଳସେବାର ଆୟୋଜନ କରା ଯାଇଛି । ଦୁଃଖର ସାଥୀ ପରିବାର ସବୁବେଳେ ନାରୀଙ୍କୁ ସମ୍ମାନ ଦେବା ସହ ଆଜି ପାରିବାର ସଦସ୍ୟା ହଜପ୍ରିୟା ପ୍ରଧାନ, ଶ୍ରେୟା ଦାସ, ଚୂଡାମଣି ପ୍ରଧାନ, ମନୋସ୍ମିତା ଖୁଣ୍ଟିଆ, ସନ୍ଧ୍ୟାରାଣୀ ସେଠୀ, ଅଲିକିସା ସେଠୀଙ୍କ ମିଳିତ ଭାବରେ ଉଦଘାଟନ ହେଉଥିଲା । ଏହି ଜଳସେବାକୁ ପରିବାରର ସଦସ୍ୟ ଦେବରଞ୍ଜନ ସାହୁ, ଶୁଭମ୍ ବାଲିକ, ଅମିତ୍ କୁମାର ପରିଡ଼ା, ଜମାଳାନ୍ତ ବିଶ୍ୱାଳ, ପ୍ରଶାନ୍ତ ବାଲିକ, ଶୁଭ୍ରାଂଶୁ ଶେଖର ଜେନା, ଆଦର୍ଶ ମଲିକ, ମିଳିତ ଭାବରେ ପରିଚାଳନା କରିଥିଲେ ।

ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ରାୟଗଡ଼ା, ୦୬/୦୪(ଆ.ପ୍ର) : ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଭାଭବନ ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ , ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଆରକ୍ଷୀ ଅଧିକ୍ଷକ ଗୋବେନ ଚାର୍ଲି, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି ସରୋଜିନୀ ଦେବୀ, ପୁଲକ ପ୍ରଶାସକ ତଥା ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ଅଧିକାରୀ ଚନ୍ଦ୍ରକାନ୍ତ ମାଝୀ ଓ ବିଜିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଜିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୬୮ ଟି ଅଭିଯୋଗ ଜିଲ୍ଲାପାଳଙ୍କ ପାଖକୁ ଆସିଥିଲା । ସେଥି ମଧ୍ୟରୁ ୫୩ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୫ଗୋଟି ଗ୍ରାମବାସୀ ମାନଙ୍କର ସାମୁହିକ ଅଭିଯୋଗ ଥିଲା । ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡ଼ିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

ସହରାଂଚଳରେ ଜନଗଣନା ପ୍ରଶିକ୍ଷଣ ଶିବିର ଉଦଯାପିତ

ଜି.ଉଦୟଗିରି, ୦୬/୦୪(ଆ.ପ୍ର) : ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସ୍ଥାନୀୟ ହବାଳ ଉଚ୍ଚ ବିଦ୍ୟାଳୟ ପରିସରରେ ସହରାଂଚଳରେ ଜନଗଣନା ନିମନ୍ତେ ସେନ୍ସସ ଅଧିକାରୀ ଆଶୁତୋଷ ଗୌରବ ଜରଜ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି । ଉକ୍ତ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ସେନ୍ସସ ଅଧିକାରୀ ସୁଶାନ୍ତ କୁମାର ସାହୁ ଉପସ୍ଥିତ ରହିଥିଲେ । ପରିଷଦ କାର୍ଯ୍ୟାଳୟ ର ଡ଼ିଲିଙ୍ଗ ଆସିଷ୍ଟାଂଟ ସୁରେଶ ସୋରେନ ଓ ଟେକ୍ନିକାଲ ଆସିସ୍ଟାଂଟ ବର୍ଷା ରାଣୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୩ ଦିନିଆ ଏହି ପ୍ରଶିକ୍ଷଣ ଶିବିରରେ ୧୯ ଜଣ ଗଣନକାରୀ ଓ ୪ ଜଣ ସୁପରଭାଇଜର ଜନଗଣନା ପ୍ରଶିକ୍ଷଣ ନେଇଥିଲେ । ଫିଲଡ୍ ଟ୍ରେନର ସଂଗ୍ରାମ କେଶରୀ ପଣ୍ଡା, ନିରଞ୍ଜନ ମହାରଣା ପ୍ରଶିକ୍ଷଣ ଦେଇଥିଲେ । ହିତାଧିକାରୀଙ୍କୁ ୩୩ ତଥ୍ୟ ବିଶିଷ୍ଟ ପ୍ରଶ୍ନ ଅନୁସାରେ ଜନଗଣନାର ମୁଖ୍ୟମ ପର୍ଯ୍ୟାୟ ଗୃହଗଣନା ପ୍ରଶିକ୍ଷଣ ଶିବିର ସରିଛି । ସୁପରଭାଇଜରମାନଙ୍କ ତତ୍ତ୍ୱାବଧାନ ରେ ଗଣନକାରୀ ମାନେ ନିଷ୍ଠାର ସହ ଏହି ସମ୍ପୂର୍ଣ୍ଣ ଡିଜିଟାଲ ଜନଗଣନା କାର୍ଯ୍ୟ କରିବେ ବୋଲି ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାର୍ଗ ଦର୍ଶନ କରିଥିଲେ । ଚଳିତ ମାସ ୧ ରୁ ୧୫ ତାରିଖ ଯାଏଁ ସ୍ୱ-ଜନଗଣନା ଓ ୧୬ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଘର ଘର ବୁଲି ଗଣନା କାର୍ଯ୍ୟ କରିବେ ।

କେ ଏମ ଭାଲିଆସାହି ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୦୬/୦୪(ଆ.ପ୍ର) : ରା.ଉଦୟଗିରି ବ୍ଲକ ର କେ ଏମ ଭାଲିଆସାହି ସ୍ଥିତ ସରକାରୀ ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରା.ଉଦୟଗିରି ପଂଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀ ମାଳାୟତ ଶବର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ରା. ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ ବୀରେନ୍ଦ୍ର କୁମାର ମଣ୍ଡଳ କାର୍ଯ୍ୟକ୍ରମର ସଭାପତି ରୂପେ ଆସନ ଅଳଙ୍କୃତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାୟରକ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା, କାର୍ଲିକ ଗମାଙ୍ଗ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ନାଛାକ, ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ସୁଦାସ ଚନ୍ଦ୍ର ସାହୁ, ବରିଷ୍ଠ ଗ୍ରାମବାସୀ ଅଦିକରେ ଦଣ୍ଡାସାରାୟ, ଛେଳିଗଡ଼ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାନ୍ତିଙ୍କ ପ୍ରାଥମିକ ଶିକ୍ଷକ ଅଶୋକ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଧୁ ଚରଣ ଦଣ୍ଡସେନା ଓ ବିଦ୍ୟାଳୟର ଲାଗପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଶିକ୍ଷକ ସମ୍ମାନିତ ଅତିଥି ରୂପେ ଆସନ ଅଳଙ୍କୃତ କରିଥିଲେ । ମୁଖ୍ୟ ଅତିଥିଙ୍କ ସହ ସମସ୍ତ ଅତିଥି ବୃନ୍ଦ ପ୍ରଦୀପ ପ୍ରଜ୍ୱଳନ କରିବା ପରେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା ଓ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ସମ୍ପାଦକୀୟ ବିବରଣୀ ପାଠ କରାଯାଇଥିଲା । ଛୁଟି ଛୁଟି ଆଠ ଜଣ ଛାତ୍ର ଛାତ୍ରୀଙ୍କୁ ଉତ୍ତରୀୟ ସହ ଫୁଲତୋଡ଼ା ଦେଇ ଅତିଥି ବୃନ୍ଦ ପ୍ରବେଶ ଉତ୍ସବ ନିମନ୍ତେ ସମ୍ବର୍ଦ୍ଧିତ କରିଥିଲେ । ବ୍ଲକ ସ୍ତରରେ ଯେପରି ବିଦ୍ୟାଳୟର ଖୁସାମ ଚାଲିଛି ସେଭଳି ଆଗାମୀ ଦିନରେ ଆହୁରି ଅଧିକ ଛାତ୍ର ଛାତ୍ରୀ ଯେଉଁଭଳି ନବୋଦୟ ଓ ଅନ୍ୟାନ୍ୟ ପରୀକ୍ଷାରେ ବହୁ ସଂଖ୍ୟାରେ ଭଲ ନମ୍ବର ରଖି କୃତକାର୍ଯ୍ୟ ହେବେ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଅତିଥି ବୃନ୍ଦ ଧ୍ୟାନ ଆକର୍ଷଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁତର ଗାଞ୍ଜାମର ପାହୁଡ଼ୁର ବ୍ଲକର ଆସିଥିବା କଳା ଶିକ୍ଷକ ସୁପ୍ରେଶ୍ୱର ପ୍ରଧାନଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ଶିକ୍ଷଣୀୟ ଭିତ୍ତିକ ବାସ୍ତବ ଧର୍ମୀ ନାଟକ ବାର୍ଦ୍ଧକ୍ୟ ବେଦନା ଓ ଅନ୍ୟ ଏକ ଯୁଗୋପଯୋଗୀ ନାଟକ କାନ୍ଦୁଛି ଧରଣୀ ହସେ ମଣିଷ ପରିବେଷଣ ହୋଇଥିଲା । ବାସ୍ତବରେ ଗୁରୁତି ମାନଙ୍କରେ ଅଭିନୟ କରିଥିବା ଛୁଟି

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବାଣପୁର କୋର୍ଟର ଉନ୍ନତି ପାଇଁ ଆଇନ ମନ୍ତ୍ରୀଙ୍କ ସହ ଆଲୋଚନା କଲେ ଓକିଲ ସଂଘର ନୂତନ ସଭାପତି

ଚିଲିକା/ବାଣପୁର, ୦୬/୦୪(ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ଓକିଲ ସଂଘର ନବନିର୍ବାଚିତ ସଭାପତି ଆଡଲୋକେଟ୍ ଜଗନ୍ନାଥ ଲୋଙ୍କ ନେତୃତ୍ୱରେ ଓକିଲ ସଂଘର ଅନେକ ସଦସ୍ୟ ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରି ସଂଘର କାର୍ଯ୍ୟାଧାରାର ଉନ୍ନତି ସହ ବାଣପୁର କୋର୍ଟର ଉନ୍ନତି ପାଇଁ ବିଭିନ୍ନ ଆଲୋଚନା କରିଥିଲେ । ଏହି ଅବସରରେ ଆଗାମୀ ଦିନରେ ବାଣପୁର ଅଂଚଳରେ ଖୋଲିବାକୁ ଥିବା ନୂତନ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ କୋର୍ଟ (ଏଡ୍‌ହିକ) ସମ୍ପର୍କରେ ଆଲୋଚନା ହୋଇଥିଲା । ଆଇନ ମନ୍ତ୍ରୀ ଏହାକୁ ଗୁରୁତ୍ୱ ଦେବା ସହ ଚଳିତ ବର୍ଷ ଭକ୍ତ ଏଡ୍‌ହିକେ କୋର୍ଟ ବାଣପୁରରେ ଖୋଲିବା ପାଇଁ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଦ୍ଦେଶ ପ୍ରତିଶ୍ରୁତି ଦେଇଥିଲେ । ଓକିଲ ସଂଘର ସଭାପତି ଶ୍ରୀ ଲୋକ ମଣ୍ଡ ମହୋଦୟଙ୍କୁ ଏଥି ନିମନ୍ତେ ଧନ୍ୟବାଦ ଦେବା ସହ ଓକିଲମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ବାଣପୁର ଓକିଲ ସଂଘର ପୂର୍ବତନ ସଂପାଦକ ରଞ୍ଜନ କୁମାର ବେଦମତା, ପୂର୍ବତନ ଉପ ସଭାପତି ପଦ୍ମଲା ପଟ୍ଟନାୟକ,ବରିଷ୍ଠ ଆଇନଜୀବୀ ସନ୍ଦୀପ କୁମାର ମହାପାତ୍ର, ଅଜିତ କୁମାର ସ୍ୱାଇଁ, ଅଖିଳ କୁମାର ସ୍ୱାଇଁ, ସୀତାରାମ ଅଗ୍ରୱାଲ, ରାମଚନ୍ଦ୍ର ପଲାକ, ପ୍ରଦୋଷ ପ୍ରଧାନ, ଅନିଲ ବାରିକ ଓ ସୂର୍ଯ୍ୟକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପରବର୍ତ୍ତୀ ସମୟରେ ସମସ୍ତ ଆଇନଜୀବୀ ମାନେ ଓଡ଼ିଶାର ମହାବକ୍ତା ପିତାମ୍ବର ଆଚାର୍ଯ୍ୟଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ବାଣପୁର କୋର୍ଟର ଉନ୍ନତି ପାଇଁ ବିଭିନ୍ନ ଆଲୋଚନା କରିଥିଲେ ।

୪୭ତମ ପ୍ରତିଷ୍ଠା ଦିବସ ପାଳିତ

ନିଶିନ୍ତଲୋଇଲି, ୦୬/୦୪(ଆ.ପ୍ର) : କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତାପାର୍ଟି ପକ୍ଷରୁ ନିଶିନ୍ତଲୋଇଲି ତହସିଲଙ୍କର ପାଖ ଭାଜପା ଦଳୀୟ କାର୍ଯ୍ୟାଳୟ ପରିସରରେ ବିଜେପିର ୪୭ତମ ସ୍ଥାପନା ଦିବସ ଅନୁଷ୍ଠିତ ହୋଇଯାଇଛି । ମାହାଙ୍ଗା ଭାଜପା ନେତା ତଥା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼େଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ଥାପନା ଦିବସରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ବିଜେପି କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ଘଡ଼େଇ ବରାଗୋ ପଞ୍ଚାୟତରେ ଥିବା ଶ୍ରୀ ଶ୍ରୀ ଶଙ୍କରେଶ୍ୱର ଶୈବ ପୀଠକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ମନ୍ଦିର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିବା ସହିତ ଆମ ପରିବେଶ ସ୍ୱଚ୍ଛ ରହିବେ ଆମେ ବି ଶ୍ରମ ଦେବୁ ବୋଲି ପ୍ରକାଶ କରିଥିଲେ ।

ନୂଆପଡ଼ା ବିରୋମାଲ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

ନୂଆପଡ଼ା, ୦୬/୦୪(ଆ.ପ୍ର) : ନୂଆପଡ଼ା ଜିଲ୍ଲାର ନୂଆପଡ଼ା ବ୍ଲକ ଅନ୍ତର୍ଗତ ବିରୋମାଲ ଗ୍ରାମ ପଂଚାୟତରେ ଜିଲ୍ଲାପାଳ ମଧୁସୂଦନ ବାଗଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ନିରାକରଣ ନିମନ୍ତେ ଏକ ବ୍ୟାପକ ସଚେତନତା ଶିବିର ଓ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜକାନ୍ତ ଧଳୁଆ, ଜପ ଜିଲ୍ଲାପାଳ ସ୍ୱାମୀ ସୋରେନ, ଝିଡ଼ିମେଣ୍ଟ ଡଃ ଧନେଶ୍ୱର ସେଠୀ, ବିଡିଓ ରୋହିତ ଲୋଲ, ଫଂଗାସର ସମିତି ଅଧ୍ୟକ୍ଷ ତାରେଶ୍ୱରୀ ସାହୁ, ସ୍ଥାନୀୟ ସରପଂଚ ନିରା ଚନ୍ଦ୍ରକାର ଓ ସମିତି ସଦସ୍ୟା ଗାୟତ୍ରୀ ବାଲ ମାଝୀ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସଭା ପରିଚାଳନା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସଭାରେ ବିଭିନ୍ନ ବିଭାଗର ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ । ନିଜ ଅଭିଭାଷଣରେ ଜିଲ୍ଲାପାଳ କହିଥିଲେ ଯେ, ଜିଲ୍ଲାରେ ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟକରଣ ପଂଚାୟତ ନୂଆପଡ଼ା ରାଜ୍ୟ ଓ ଜାତୀୟ ସ୍ତରରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି । ପ୍ରବାସୀ ଶ୍ରମିକ ସମସ୍ୟା ନିରାକରଣ ପାଇଁ ଲୋକଙ୍କ ସହଭାଗିତା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ । ପ୍ରତି ଶ୍ରମିକ ପରିବାରକୁ ୩୦୦ ଦିନର କାମ ଯୋଗାଇ ଦେବା ଲକ୍ଷ୍ୟ ରଖିଥିବା ସହିତ ଗ୍ରାମରେ ରହି ଆର୍ଥିକ ସ୍ୱାବଲମ୍ବନ ହାସଲ କରିବାକୁ ସେ ଆହ୍ୱାନ ଦେଇଥିଲେ । ସମସ୍ତେ ମିଳିମିଶି ପ୍ରବାସମୁକ୍ତ ଗ୍ରାମ ପଂଚାୟତ ଗଢ଼ିବା ପାଇଁ ସେ ଆହ୍ୱାନ କରିଥିଲେ । ଅବୈଧ ମଦ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ମଧ୍ୟ ସେ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ "ଝିଅ ପାଇଁ ଗଛଟିଏ" ଓ "ସମସ୍ତ ଶିଶୁ ପାଇଁ ଦିନଟିଏ" ପାଳନ କରାଯାଇଥିଲା । ଜିଲ୍ଲାପାଳ ବ୍ଲକ ନବଜାତ କନ୍ୟା ଶିଶୁଙ୍କୁ ଲୋକରେ ଧରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ବାରା ଓ ଉପହାର ପ୍ରଦାନ କରିଥିଲେ । ଗର୍ଭବତୀ ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ଉପହାର ବଂଟନ କରାଯାଇଥିଲା । ସ୍ଥାନୀୟ ସ୍କୁଲ୍ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଶଣ କରାଯାଇଥିଲା ଓ ୧୦୦ ଦିନରୁ ଅଧିକ କାମ କରିଥିବା ଶ୍ରମିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ ମାନଙ୍କୁ ପରିଚୟ ପତ୍ର, ମୃତ୍ୟୁ ସହାୟତା, ବିବାହ ସହାୟତା, ଶିକ୍ଷା ଓ ମାତୃତ୍ୱ ସହାୟତା ପ୍ରଦାନ କରାଯାଇଥିଲା । ୧୦ ଜଣଙ୍କୁ ନିର୍ମାଣ ଶ୍ରମିକ କାର୍ଡ ବଂଟନ କରାଯାଇଥିଲା । ଏହି ଅବସରରେ ଧରମବନ୍ଧା ଗ୍ରାମ ପଂଚାୟତର ପତୋରା ଗ୍ରାମର ୭ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସିରୋନାମା ପ୍ରଦାନ କରାଯାଇଥିଲା । ମଧୁବାବୁ ପେନସନ ଯୋଜନାରେ ନୂତନ ୫ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପେନସନ ବଂଟନ କରାଯାଇଥିଲା । ଏହା ସହ ଏଏଏସବିକି ସଦସ୍ୟା ରୁପଲତା ବଡ଼ଜାନ୍ତ, ଶିକ୍ଷକ ଗୋଲୁଚରାମ ଦଣ୍ଡସେନା ଓ ଅସରପ୍ରାପ୍ତ ଆଙ୍ଗନୱାଡ଼ି କର୍ମୀ ସନ୍ଧ୍ୟା କୁମାରୀ ଜଣାଙ୍କୁ "ସ୍ୱଚ୍ଛତା ଦୂତ ପୁରସ୍କାର" ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ କାର୍ଯ୍ୟକ୍ରମରେ "ପକ୍ଷୀ ପାଇଁ ଦିନଟିଏ" ପାଳନ କରାଯାଇ ପକ୍ଷୀମାନଙ୍କୁ ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଇଥିଲା । ଶେଷରେ ଜିଲ୍ଲାପାଳ ଫେରତା ପ୍ରବାସୀ ଶ୍ରମିକ ବାପେନ ରାଉତ ଓ ତାଙ୍କ ସ୍ତ୍ରୀ ଶ୍ରୀମତୀ କୁନ୍ତଳା ସତମାଣଙ୍କୁ ସାକ୍ଷାତ କରି ସେମାନଙ୍କୁ ସରକାରୀ ସହାୟତା ଦେବା ସହ ଆଲ ପ୍ରବାସରୁ ନଯିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ମଧ୍ୟ ସେ ଅଂଶଗ୍ରହଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମରେ "ପ୍ରବାସମୁକ୍ତ ଓ ଉନ୍ନତ ପଂଚାୟତ" ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲ୍ଲାପାଳ ଉଲ୍ଲେଖ କରିଥିଲେ ।

ପ୍ରଦେଶ କଂଗ୍ରେସ ପକ୍ଷରୁ ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ଘୋଷଣା

ନିମାପଡା, ୦୬/୦୪(ଆ.ପ୍ର) : ପୁରୀ ଜିଲ୍ଲା ଗୋପ ବ୍ଲକ ବଡ଼କାଁ ପଂଚାୟତ ଲୁଣି ଗ୍ରାମର ସାମାଜସେବୀ ତଥା କଂଗ୍ରେସ ଦଳର ଦରିଦ୍ର ନେତା ଦୁଜବନ୍ଧୁ ଗାଉଡଗୟ ଙ୍କୁ ପୁରୀ ଜିଲ୍ଲା କଂଗ୍ରେସ ପକ୍ଷରୁ ସାଧାରଣ ସମ୍ପାଦକ ଭାବେ ଘୋଷଣା କରାଯାଇଛି । ନୂତନ ସାଧାରଣ ସମ୍ପାଦକ ଶ୍ରୀ ଗାଉଡଗୟ ପୂର୍ବରୁ ନିଷ୍ଠାର ଭାବେ ସାଧାରଣ ଲୋକମାନଙ୍କ ସମସ୍ୟା ବୁଝିବା ସହିତ କଂଗ୍ରେସ ଦଳ ପାଇଁ ନିଜ ପଂଚାୟତ ସମେତ ସମସ୍ତ ଗୋପ ବ୍ଲକରେ ଦାୟିତ୍ୱିକ ଧାରି କାର୍ଯ୍ୟ କରିଆସୁଛନ୍ତି । ତାଙ୍କର ସାଙ୍ଗଠନିକ ନିଷ୍ଠା ଓ କାର୍ଯ୍ୟ କରିବାର ଶୈଳୀ ଅତି ଉଚ୍ଚ ସ୍ତରୀୟ ହୋଇଥିବାରୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୁରୀ ଜିଲ୍ଲାରେ ସାଧାରଣ ସମ୍ପାଦକ ଭାବେ ଘୋଷଣା କରାଯାଇଛି । ଶ୍ରୀ ଗାଉଡଗୟ ଆଗାମୀ ଦିନରେ ପ୍ରଦେଶ କଂଗ୍ରେସ ଦଳ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିବା ସହିତ ଅଂଚଳର ସାଧାରଣ ଲୋକ ମାନଙ୍କ ବିଭିନ୍ନ ପ୍ରକାର ସମସ୍ୟା ଉପରେ କାମ କରିବେ ବୋଲି କହିଛନ୍ତି । ପ୍ରଦେଶ କଂଗ୍ରେସ ପକ୍ଷରୁ ପୁରୀ ଜିଲ୍ଲାର ନୂତନ ସାଧାରଣ ସମ୍ପାଦକ ଘୋଷଣା କରାଯାଇଥିବାରୁ ଗୋପ ବ୍ଲକ ଓଡିଶାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ



ବି. ଉଦୟଗିରି, ୦୬/୦୪(ଆ.ପ୍ର) : ବି.ଉଦୟଗିରି ଭାରତୀୟ ଜନତା ପାର୍ଟି ନଗର ଓ ଗ୍ରାମୀଣ ସଂଗଠନ ତରଫରୁ ମିଳିତ ଭାବେ ୪୭ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ସଂଗଠନ ତରଫରୁ ଭାରତୀୟ ଜନତା ପାର୍ଟି ପ୍ରତିଷ୍ଠାତା ମାନଙ୍କ ଫୋଟ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ନଗର ସଭାପତି ଭେଙ୍କଟେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ମାନଗୋବିନ୍ଦ ପ୍ରଧାନ ଯୋଗ ଦେଇ ଦଳୀୟ ଆଭିମୁଖ୍ୟ ନେଇ ଉଦବୋଧନ ଦେଇଥିଲେ । କାର୍ଯ୍ୟକ୍ରମ ରେ ନଗର ଓ ଗ୍ରାମୀଣ ସଂଗଠନ କର୍ମକର୍ତା ଉପସ୍ଥିତ ଥିଲେ । ଶେଷରେ ଗ୍ରାମୀଣ ମଣ୍ଡଳ ସଭାପତି ବିରାଜ କୀର୍ତ୍ତର ଧନ୍ୟବାଦ ଅର୍ପଣ କରିଥିଲେ ।

ଅଦିନିଆ ବର୍ଷାରେ ଭାଙ୍ଗିଲା ଗରିବ ଲୋକଙ୍କ ଘର ରାତି କାଟିବେ କୋଉଠି ଚିନ୍ତା

ବୁମୁଡିବନ୍ଧ, ୦୬/୦୪(ଆ.ପ୍ର) : ଅଦିନିଆ ବର୍ଷାରେ କନ୍ଧମାଳ ଜିଲ୍ଲା ବୁମୁଡିବନ୍ଧ ବ୍ଲକ କୁର୍ତମଗଡ଼ ଅଂଚଳରେ ଦେଖିବାକୁ ମିଳିଛି ନର୍ଜିନଥିବା କ୍ଷୟକ୍ଷତି । ଅଦିନିଆ ପବନ, ବର୍ଷାର ତାଣ୍ଡବ । ଆଜି କୁର୍ତମଗଡ଼ ମୁଖ୍ୟ ବଜାରରେ ମଂଚୁଏଣ୍ଡ ମିଳନ ଚାଲିଥିବା ବେଳେ ହଠାତ ଦିନ ଦ୍ୱିପହରରେ ବିଜୁଳି ଘଡ଼ଘଡ଼ି ସାଙ୍ଗ କୁ ପବନ ବର୍ଷା ଉଷ୍ଣଙ୍କର ରୂପ ନେଇ ବର୍ଷା ବର୍ଷୁଥିବା ଜାହାରୀ ପଟ୍ଟରେ କୋଡିଏ ରୁ ଊର୍ଦ୍ଧ ଘରିବ, ନିରୀହ ଲୋକ ଘରଉପରୁ ଉଡ଼ିଯାଇଛି ଛପର ତ ଜାହାର ଆଜକେଦିନ ଉଡ଼ିଯାଇଛି । ଘର ସବୁ ପାଣି ସରସରା ଓଦା ହେଇଛି । ଗାରିରେ ପୁଣି ବର୍ଷା ହେଲେ ଆଶ୍ରୟ ନେବାକୁ କୌଣସି ବିକଳ୍ପ ସୁବିଧା ନଥିବାରୁ ଚିନ୍ତାରେ ରହିଛନ୍ତି କ୍ଷତିଗ୍ରସ୍ତ ପରିବାର । ଖବର ଲେଖା ହେବା ସୁଦ୍ଧା କ୍ଷୟକ୍ଷତି ଆକଳନ ନିମନ୍ତେ ଜିଲ୍ଲା ସହାୟତା ନିମନ୍ତେ ଘଟଣା ସ୍ଥଳରେ ସ୍ଥାନୀୟ ସରପଂଚ ଜିଲ୍ଲା କୌଣସି ରାଜସ୍ୱ ଅଧିକାରୀ ପହଂଚି ନଥିବା ଅଭିଯୋଗ ହୋଇଛି । କାହାର ଝିଅର ଛପର ତ ଜାହାର ଆଜକେଦିନ ଉଡ଼ିଯାଇଛି । ଘର ସବୁ ପାଣି ସରସରା ଓଦା ହେଇଛି । ଗାରିରେ ପୁଣି ବର୍ଷା ହେଲେ ଆଶ୍ରୟ ନେବାକୁ କୌଣସି ବିକଳ୍ପ ସୁବିଧା ନଥିବାରୁ ଚିନ୍ତାରେ ରହିଛନ୍ତି କ୍ଷତିଗ୍ରସ୍ତ ପରିବାର । ଖବର ଲେଖା ହେବା ସୁଦ୍ଧା କ୍ଷୟକ୍ଷତି ଆକଳନ ନିମନ୍ତେ ଜିଲ୍ଲା ସହାୟତା ନିମନ୍ତେ ଘଟଣା ସ୍ଥଳରେ ସ୍ଥାନୀୟ ସରପଂଚ ଜିଲ୍ଲା କୌଣସି ରାଜସ୍ୱ ଅଧିକାରୀ ପହଂଚି ନଥିବା ଅଭିଯୋଗ ହୋଇଛି ।

ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

ତିର୍ତୋଲ, ୦୬/୦୪(ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତୋଲ ବ୍ଲକ ଅନ୍ତର୍ଗତ ବିଦ୍ୟା ଭାରତୀ ଶିଶୁ ମନ୍ଦିର, ମଲିଗୋର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ପ୍ରଥମେ ବାର୍ଷିକ ବିବରଣୀ ପାଠ କରିଥିବେ ଡେଜି ରାଣୀ ମହାନ୍ତି, ସଂସ୍କାରୀୟ ଅତିଥି ଡ଼ାକ୍ତରୀକରଣ ସାହୁ, ମନୋରମା ଦାସ, ମୁଖ୍ୟବକ୍ତା ଡ଼ଃ ସୁରେନ୍ଦ୍ରନାଥ ତ୍ରିପାଠୀ, ମୁଖ୍ୟ ଅତିଥି ପ୍ରବୀଣ କୁମାର ରଥ, ସିମ୍ବୁଲ୍ ଲୋକନାଥ କର, ଏହି ବିଦ୍ୟାଳୟରେ ୫ଜଣ ଗୁରୁ ମା, ଚେତନାରାଣୀ ମହାନ୍ତି ପ୍ରଧାନ ଶିକ୍ଷୟିତ୍ରୀ, କମଳ କୁମାରୀ ମହାନ୍ତି, ମୋନାଲିସା ଦାସ, ମାନରଜା ରାଉତ, ସରସ୍ୱତୀ ସାହୁ, ଏହି ବିଦ୍ୟାଳୟ ୪୫ଜଣ ଛାତ୍ର ଛାତ୍ରୀ ଅଛନ୍ତି, ଏହି ଶିଶୁ ମନ୍ଦିରରେ ଭଲ ପାଠ ପଢା ଯାଏ ଏହି ବିଦ୍ୟାଳୟ ରେ ମୁସଲିମ ପିଲା ବହୁତ ଅଛନ୍ତି, ଭଲ ନମ୍ବର ରଖିଥିବା ପିଲା ମାନଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ପୁରସ୍କାର ଦିଆଯାଇଥିଲା । ଏହି ସ୍କୁଲକୁ ସହଯୋଗ କରିଥିବା ଅଭିଭାବକଙ୍କୁ ଉତରୀ ଓ ପୁଷ୍ପ ଗୁଚ୍ଛା ଦେଇ ସମ୍ମାନିତ କରା ଯାଇଥିଲା । ଏହି ପୋଗ୍ରାମରେ ମା' ମାନେ ଗୀତ କମ୍ପିଟେସନ ଭାଗ ନେଇ ଗୀତ ଗାଇଥିଲେ । ଏହି ବିଦ୍ୟାଳୟର ଛୁଟି ଛୁଟି ଛାତ୍ର ଛାତ୍ରୀଙ୍କ ଦ୍ୱାରା ଗୀତ ନାଚର ପରିବେଷଣ କରା ଯାଇଥିଲା । ଏଠି ଦେଶ୍ପାଣ୍ଡାକୁ ମିଳିଥିବା ବହୁ ସଂଖ୍ୟାର ମା ମାନେ ଆସି ଯୋଗ ଦେଇଥିଲେ, ମା ମାନଙ୍କ ଦ୍ୱାରା ରାଣ୍ଡ ଶୋ କରାଯାଇଥିଲା । ଶେଷରେ ପୁରସ୍କାର ଦିଆ ଯାଇ ଥିଲା ମା ମାନଙ୍କୁ,ଓ ପିଲା ମାନଙ୍କୁ ପୁରସ୍କାର କରା ଯାଇ ଥିଲା ।

ଏନଏସି ପକ୍ଷରୁ 'ସ୍ୱଚ୍ଛ ଓଡିଶା ଦିବସ' ପାଳିତ

ଦଶପଲ୍ଲା, ୦୬/୦୪(ଆ.ପ୍ର) : 'ଓଡ଼ିଶା ପକ୍ଷ' ପାଳନ ଅବସରରେ 'ଓଡିଶା ସ୍ୱଚ୍ଛ ଦିବସ' ଦଶପଲ୍ଲା ଏନ ଏ ସି ଓ ବ୍ଲକ ତରଫରୁ ପାଳନ ହୋଇଯାଇଛି । ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା ସହ ଓଡ଼ିଆ ଭାଷା, ସାହିତ୍ୟ, ସାଂସ୍କୃତି, ପୋଷାକ ଏବଂ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ସହିତ ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା ଆବଶ୍ୟକ । ଉତ୍ସବର ସହିତ ଗାଁ, ସହର ଓ ପ୍ରତ୍ୟେକ ଘରେ 'ଓଡ଼ିଆ ପକ୍ଷ' ପାଳନ କରିବା ଅବସରରେ ଦଶପଲ୍ଲା ଏନ ଏ ସି ପକ୍ଷରୁ ଏକ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି । ସ୍ଥାନୀୟ ଶ୍ରୀ ମହାବୀର ମନ୍ଦିର ପରିବେଶକୁ ନିର୍ମଳ କରି ସ୍ୱଚ୍ଛ କରାଯାଇଛି । ଏ ଅବସରରେ ଏନ ଏ ସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାସ, ଦଶପଲ୍ଲା ବ୍ଲକ ଅଧିକାରୀ ଶରତ କୁମାର ମଲିକ, ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଙ୍କ ସମେତ ସମସ୍ତ କାମନପିଲଙ୍କ ସହିତ ଏନ୍‌ଏସିର ସମସ୍ତ କର୍ମଚାରୀ ଏବଂ ସଫେଇ କର୍ମଚାରୀ ଉପସ୍ଥିତ ରହି ସଫେଇ କାର୍ଯ୍ୟ କରିଥିଲେ ।

ନିଜ ବାସଭବନରେ ଦଳୀୟ ପତାକା ଉଡାଇ ୪୭ତମ ପ୍ରତିଷ୍ଠା ଦିବସ ପାଳିଲେ

ଟାଙ୍ଗୀ-ଚୌଦ୍ୱାର, ୦୬/୦୪(ଆ.ପ୍ର) : ଆଜି ସାରା ଦେଶ ଓ ରାଜ୍ୟରେ ଥିବା ବିଜେପି କାର୍ଯ୍ୟାଳୟରେ ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଅଛି । ଆଜି ଜଜକ ଜିଲ୍ଲା ଓଡିଶି ମୋର୍ଚ୍ଚର ରାଜ୍ୟ ସାଧାରଣ ସମ୍ପାଦକ ଜଂ ଜ୍ଞାନେନ୍ଦ୍ର ସ୍ୱାଇଁ ନିଜ ବାସ ଭବନରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ । ୪୭ ବର୍ଷର ଯାତ୍ରାରେ ଦଳ ଯେଉଁ ସଂକଳ୍ପ ନେଇଥିଲା, ଆଜି ମଧ୍ୟ ସେହି ଲକ୍ଷ୍ୟ ପଥରେ ଅଗ୍ରସର ହେଉଥିବା କହିଛନ୍ତି ଶ୍ରୀ ସ୍ୱାଇଁ । ଏଥିସହିତ ବିଜେପି ସବୁଦେବେ 'ଆଗ ଦେଶ, ପରେ ପାର୍ଟି' ଶ୍ରେଷ୍ଠ ଆଦର୍ଶ ହୋଇ ରହିଛି ଏବଂ ଏହି ମନ୍ତ୍ରକୁ ପାଥେୟ କରି କାର୍ଯ୍ୟକର୍ତ୍ତାମାନେ ନିରନ୍ତର କାମ କରିଚାଲିଛନ୍ତି ଏବଂ ଦଳର ଏହି ସଂଗଠନ ପାଇଁ ୧୪ କୋଟିରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କ ନିଷ୍ଠା ଓ ତ୍ୟାଗ ରହିଛି । ଯେଉଁ ପୂଜ୍ୟା ନେତା ଓ କର୍ମୀମାନେ ଦଳକୁ ଏହି ସୁଦୃଢ଼ ସ୍ଥିତିକୁ ଆଣିଛନ୍ତି, ସେମାନଙ୍କୁ ଏହି ଅବସରରେ ଧନ୍ୟବାଦ ଅର୍ପଣ କରିଛନ୍ତି ।

ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କେ ଜଣାଇବାକୁ ଅନୁରୋଧ

ଚିଲିକା/ବାଣପୁର, ୦୬/୦୪(ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ତୁଙ୍ଗମାଳ ଗ୍ରାମପଂଚାୟତର ଛତ୍ରପୁର ଗ୍ରାମର କାଳିକ ତରେଜ ବୟସ ୭୦ ବର୍ଷ ପ୍ରାୟ ବାଡି ଦିନ ହେଲା ନିଖୋଜ ଅଛନ୍ତି । ବିଭିନ୍ନ ସ୍ଥାନରେ ଖୋଜା

ଦୈନିକ
ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୭ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଅଲିମ୍ପିକ୍ସ କାଂସ୍ୟ ବିଜେତାଙ୍କୁ ହରାଇ ଫାଇନାଲ୍‌ରେ ପ୍ରୀତି

ଭଲାନବାତର, ୬/୪(ନ୍ୟୁ.ଏ): ଭାରତର ତାରକା ମହିଳା ମୁଷ୍ଟିଯୋଦ୍ଧା ପ୍ରୀତି ପାଣ୍ଡାର ଏଠାରେ ଚାଲିଥିବା ଏସୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି । ୫୪ କିଲୋଗ୍ରାମ୍ ଏରିଟ୍ ମହିଳା ସେମିଫାଇନାଲ୍‌ରେ ବିଶ୍ୱ ଚାମ୍ପିୟନ୍ ସ୍ୱର୍ଣ୍ଣ ବିଜୟିନୀ ପ୍ରୀତି ୫-୦ରେ ଫାଇଭ୍ ଅଲିମ୍ପିକ୍ସ କାଂସ୍ୟ ବିଜୟିନୀ କୋରିଆର ଏକି ଜମ୍‌ଙ୍କୁ ମାତ୍ର ଦେଇଛନ୍ତି । ଏହି ବିଜୟ ସହ ପ୍ରୀତି ଫାଇନାଲ୍ ସ୍ତର ମଧ୍ୟ ନିଶ୍ଚିତ କରି ଦେଇଛନ୍ତି । ସ୍ୱର୍ଣ୍ଣ ପଦକ ଲଢ଼େଇରେ ସେ ୩ ଥର ର ବିଶ୍ୱ ବିଜୟିନୀ ଚାଇନିଜ୍ ତାଇପେର ହୁଆଙ୍ଗ ଝିଆଓ-ଝେଁଙ୍କୁ ଜେତିବେ । ତାଙ୍କ ସହ ପ୍ରିୟା ଓ ଅରୁନ୍ଧତୀ ଚୌଧୁରୀ ମଧ୍ୟ ଫାଇନାଲ୍‌ରେ ପହଂଚି ସ୍ୱର୍ଣ୍ଣ ପଦକ ଆଶାରେ ଅଛନ୍ତି । ମହିଳା ୬୦ କିଲୋଗ୍ରାମ୍‌ରେ ପ୍ରିୟା ୫-୦ରେ ମଙ୍ଗୋଲିଆର ନମୁନ ମୋନଖୋରଙ୍କୁ ପରାସ୍ତ କରିଥିଲେ । ଫାଇନାଲ୍‌ରେ ସେ ଦକ୍ଷିଣ କୋରିଆର ଜିଁ ଜିଓଙ୍କୁ ଜେତିବେ । ମହିଳା ୭୦ କିଲୋଗ୍ରାମ୍‌ରେ ଅରୁନ୍ଧତୀ ୪-୧ରେ ଉଜ୍‌ବେକିସ୍ତାନର ଓରଣା ଚୋଲରୋଗାଙ୍କୁ ପରାସ୍ତ କରିଥିଲେ । ପରବର୍ତ୍ତୀ ରାଉଣ୍ଡରେ ସେ କାଜାଖସ୍ତାନର ବାଜିତ ସେରଦିସଙ୍କୁ ଜେତିବେ । ମହିଳା ୬୫ କିଲୋଗ୍ରାମ୍‌ରେ ଅଙ୍କୁଶିତା ବୋଗୋ ୦-୩ରେ ତାଇନିଜ୍ ତାଇପେର ନିଏଁ-ଚିଁ ଚେଁଙ୍କୁ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଛନ୍ତି । ୫୧ କିଲୋଗ୍ରାମ୍‌ରେ ନିଖିତ ଜରିନ ୦-୫ରେ ଚୀନର ଲି ୟୁଙ୍କୁ ପରାଜିତ ହୋଇଥିଲେ । ୭୫ କିଲୋଗ୍ରାମ୍‌ରେ ଲଭ୍‌ଲୀନା ବରଗୋହାଁଇ ୦-୫ରେ ଉଜ୍‌ବେକିସ୍ତାନର ଆଜିଜା ଜୋଲିଗୋଭାଙ୍କୁ ହାରିଯାଇଥିଲେ । ୮୦ କିଲୋଗ୍ରାମ୍‌ରେ ପୂଜା ରାଣୀ ୦-୫ରେ କାଜାଖସ୍ତାନର ନାଦେଝଦା ଜିଆବେଟ୍‌ଡିନ୍‌କୁ ହାରିଯାଇଥିଲେ ।

ଏସୀୟ ବ୍ୟାଡ୍‌ମିଂଟନରୁ ଓହରିଲେ ସାତ୍ୱିକ୍-ଚିରାଗ

କୁଆଦିଲ୍ଲୀ, ୬/୪(ନ୍ୟୁ.ଏ): ମଙ୍ଗଳବାରଠାରୁ ବୀଜିଂ ଡୋଗାରେ ଆରମ୍ଭ ହେଉଛି ଏସୀୟ ବ୍ୟାଡ୍‌ମିଂଟନ ଚାମ୍ପିଅନସିପ୍ । ତେବେ ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଭାରତୀୟ ଅଭିଯାନକୁ ଏକ ଶକ୍ତ ଧକ୍କା ଲାଗିଛି । ୨୦୨୩ରେ ପୁରୁଷ ଯୁଗଳ ବର୍ଗରେ ଏହି ପ୍ରତିଯୋଗିତା ଜିତିଥିବା ସାତ୍ୱିକସାଇରାଜ୍ ରାଙ୍କିରେଡ୍ଡି ଓ ଚିରାଗ ସେଟୀ ଏଥର ଓହରିଯାଇଛନ୍ତି । ଗତ ମାସରେ ଅନୁଷ୍ଠିତ ସ୍ୱିସ୍ ଓପନରେ ସାତ୍ୱିକ୍-ଚିରାଗ ଯୋଡ଼ି ଭାଗ ନେଇଥିଲେ ବି ସାତ୍ୱିକଙ୍କ ଡାହାଣ କାନ୍ଧରେ ଯନ୍ତ୍ରଣା ଯୋଗୁଁ କ୍ୱାର୍ଟରଫାଇନାଲ୍‌ରୁ ଓହରିଯାଇଥିଲେ । ସାତ୍ୱିକ୍ ଏବେ ବି ଯନ୍ତ୍ରଣା ଅନୁଭବ କରୁଥିବାରୁ ଏସୀୟ ପ୍ରତିଯୋଗିତାରୁ ଓହରିବାକୁ ନିଷ୍ପତ୍ତି ନିଆଯାଇଥିବା ଚୋଲି ତାଙ୍କ ପ୍ରଶିକ୍ଷକ ଡାନ୍ କିମ୍ ହଳ କହିଛନ୍ତି । ସାତ୍ୱିକ୍-ଚିରାଗ ଓହରିବା ପରେ ଏବେ ଏହି ପ୍ରତିଯୋଗିତାରେ ଭାରତୀୟ ଅଭିଯାନର ନେତୃତ୍ୱ ନେବେ ଲକ୍ଷ୍ୟ ସେନ୍ ଓ ପିଭି ସିନ୍ଧୁ । ଭାରତ ଗତ ୬୧ ବର୍ଷ ହେବ ଏହି ପ୍ରତିଯୋଗିତାର ଏକକ ବର୍ଗରେ ଜୋସିସି ଟାଇଟେଲ୍ ଜିତିନାହିଁ । ୧୯୬୫ ମସିହାରେ ଭାରତର ବିନେଶ ଖନ୍ନା ଏହି ପ୍ରତିଯୋଗିତାର ପୁରୁଷ ଏକକ ଟାଇଟେଲ୍ ଜିତିଥିଲା ହୋଇଥିଲେ । ଏଣୁ ଏକକ ବର୍ଗରେ ପୁଣି ଟାଇଟେଲ୍ ଜିତି ଇତିହାସ ସୃଷ୍ଟି କରିବାର ସୁଯୋଗ ଲକ୍ଷ୍ୟ ଓ ସିନ୍ଧୁଙ୍କ ପାଖରେ ରହିବ । ଚଳିତ ଥର ଏହି ପ୍ରତିଯୋଗିତାରେ ଥିବା ଅନ୍ୟ ଭାରତୀୟ ପ୍ରତିଯୋଗୀମାନେ ହେଲେ ଏଚଏସ୍ ପ୍ରଣୟ, କାଦମ୍ବି ଶ୍ରୀକାନ୍ତ, ଆୟୁଷ ଶେଟ୍ଟୀ, ଉନ୍ନତି ହୁଡା, ତାନସୀ ଶର୍ମା ଓ ମନବିକା ବାନସୋଡ୍ । ୧୨ ଏପ୍ରିଲରରେ ଏହି ପ୍ରତିଯୋଗିତା ଶେଷ ହେବ ।

ଆଇପିଏଲରେ ଭୁବନେଶ୍ୱରଙ୍କ ରେକର୍ଡ, ୨୦୦ ୱିକେଟ୍ ନେବାରେ ପ୍ରଥମ ଦ୍ରୁତ ବୋଲର

କୁଆଦିଲ୍ଲୀ, ୬/୪(ନ୍ୟୁ.ଏ): ଆଇପିଏଲରେ ଇତିହାସ ରଚିଛନ୍ତି ଦ୍ରୁତ ବୋଲର ଭୁବନେଶ୍ୱର କୁମାର । ସେ ପ୍ରଥମ ଦ୍ରୁତ ବୋଲର ଭାବରେ ୨୦୦ ୱିକେଟ୍ ହାସଲ କରିବାର ଗୌରବ ଲାଭ କରିଛନ୍ତି । ଚେନ୍ନାଇ ସୁପର କିଙ୍ଗ୍‌ସ ବିପକ୍ଷରେ ଭୁବନେଶ୍ୱର ଆୟୁଷ ମାଙ୍ଗଡ଼େ ଏବଂ ପ୍ରଶାନ୍ତ ବୀରଙ୍କୁ ଆଉଟ କରିବା ପରେ ୨୦୦ ୱିକେଟ୍ କ୍ଲବରେ ସାମିଲ ହୋଇଥିଲେ । ଯଶପ୍ରୀତ ବୁମରା ଏହି ତାଲିକାରେ ଷଷ୍ଠ ସ୍ଥାନରେ ରହିଛନ୍ତି । ସେ ଆଉ ୧୭ଟି ୱିକେଟ୍ ନେଲେ ୨୦୦ ୱିକେଟ୍ କ୍ଲବରେ ସାମିଲ ହେବେ । ଆଇପିଏଲ ଇତିହାସରେ ସର୍ବାଧିକ ୱିକେଟ୍ ନେବାରେ ଲସିଥ ମଲିଙ୍ଗ ଶୀର୍ଷରେ ରହିଛନ୍ତି । ସେ ୧୭୩ ୱିକେଟ୍ ନେଇ ଶୀର୍ଷରେ ରହିଛନ୍ତି । ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଭୁବନେଶ୍ୱର କୁମାର । ସୁଇଙ୍ଗ ବୋଲିଙ୍ଗ ଭାବେ ପରିଚିତ ଭୁବନେଶ୍ୱର ଆଇପିଏଲରେ ୧୯୨ଟି ମ୍ୟାଚ୍ ଖେଳି ୨୨୪ଟି ୱିକେଟ୍ ନେଇଛନ୍ତି । ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଭୁବନେଶ୍ୱର କୁମାର । ସୁଇଙ୍ଗ ବୋଲିଙ୍ଗ ଭାବେ ପରିଚିତ ଭୁବନେଶ୍ୱର ଆଇପିଏଲରେ ୧୯୨ଟି ମ୍ୟାଚ୍ ଖେଳି ସାରିଲେଣି । ସେ ଏକମାତ୍ର ବୋଲର ଭାବେ କ୍ରମାନ୍ୱୟରେ ୨ ଥର ଆଇପିଏଲ୍ ପର୍ପଲ କ୍ୟାପ୍ (୨୦୧୬, ୨୦୧୭) ହାସଲ କରିଥିଲେ । ଆଇପିଏଲ୍‌ରେ ତାଙ୍କ ବୋଲିଂ ଇକୋନୋମି ୭.୬୯ ରହିଛି । ତାଙ୍କ ନାମରେ ସର୍ବାଧିକ ମେଡେନ ଓଭର ରେକର୍ଡ ରହିଛି । ସେ ପାଓ୍ୱାର ପ୍ଲେ ଓଭର ଗୁଡ଼ିକରେ ମୋଟ ୮୧ଟି ୱିକେଟ୍ ଅଣ୍ଟିଆର କରିଛନ୍ତି । ଭୁବନେଶ୍ୱରର ୨୦୧୧ରେ ପୁଣେ ଓ୍ୱାରିୟର୍ସ ଇଣ୍ଡିଆ ପକ୍ଷରୁ ଆଇପିଏଲ୍ ପଦାର୍ପଣ କରିଥିଲେ । ଏହାପରେ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ୧୧ଟି ସିଜନରେ ୧୪୫ଟି ମ୍ୟାଚ୍ ଖେଳି ୧୫୬ଟି ୱିକେଟ୍ ନେଇଥିଲେ । ଟି-ଟ୍ୱେଂଟି ଫର୍ମାଟ କ୍ରିକେଟ୍‌ରେ ମୋଟ ୫ଜଣ ବୋଲର ୨୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ନେବାରେ ସଫଳ ହୋଇଛନ୍ତି । ଇଂଲଣ୍ଡ ଟି-ଟ୍ୱେଂଟି ବ୍ଲାଷ୍ଟରେ ଖେଳୁଥିବା ଡାଲି ଡ୍ରିଲ୍ (୨୬୮ଟି), ସମିତ ପଟେଲ (୨୩୦ଟି), କ୍ରିସ୍ ଜର୍ (୨୧୦ଟି) ଓ ଡେଭିଡ ପେନ୍ (୨୧୦ଟି) ୱିକେଟ୍ ନେଇଛନ୍ତି । ଆଇପିଏଲରେ ବହଳ ଓ ଭୁବନେଶ୍ୱରଙ୍କ ପରେ ସୁନୀଲ ନାରାଏନ (୧୯୧ ମ୍ୟାଚ, ୧୯୩ ୱିକେଟ୍) ତୃତୀୟ ସ୍ଥାନରେ ରହିଛନ୍ତି । ଚତୁର୍ଥ ସ୍ଥାନରେ ପିୟୁଷ ଚାୱଲା (୧୮୩ ୱିକେଟ୍), ପଂଚମ ସ୍ଥାନରେ ଆର. ଅଶ୍ୱିନ (୧୮୭ ୱିକେଟ୍), ଷଷ୍ଠ ସ୍ଥାନରେ ଦୁମରା, ଅଷ୍ଟମ ସ୍ଥାନରେ ବ୍ରେନ ଡ୍ରାଭୋ (୧୮୩ ୱିକେଟ), ନବମ ସ୍ଥାନରେ ଅମିତ ମିଶ୍ରା (୧୭୪ ୱିକେଟ୍) ଏବଂ ଦଶମ ସ୍ଥାନରେ ଉମେଶ୍ ଯାଦବ (୧୭୨ ୱିକେଟ୍) ରହିଛନ୍ତି ।

ପୁଡୁଚେରୀରେ ଜିତିଲେ ପୂର୍ଣ୍ଣ ରାଜ୍ୟ ମାନ୍ୟତାର ପ୍ରତିଶ୍ରୁତି ଦେଲା କଂଗ୍ରେସ



କୁଆଦିଲ୍ଲୀ, ୬/୪(ନ୍ୟୁ.ଏ): କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ପୁଡୁଚେରୀବାସୀଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ଯଦି କଂଗ୍ରେସ ଦଳ କ୍ଷମତାକୁ ଆସେ ତେବେ ପୁଡୁଚେରୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ମିଳିବ । ଲେଷ୍ଟେରେ ଏକ ନିର୍ବାଚନ ରାଲିରେ ଉଦ୍‌ବୋଧନ ଦେଇ ରାହୁଲ କହିଛନ୍ତି, ପୁଡୁଚେରୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ରାହୁଲ ଅଭିଯୋଗ କରିଛନ୍ତି ଯେ, ବର୍ତ୍ତମାନର କେନ୍ଦ୍ରଶାସିତ ସରକାର ଲୋକଙ୍କର ଭାଷାକୁ ପ୍ରତିଫଳିତ କରୁନାହିଁ । ସ୍ଥାନୀୟ ନେତୃତ୍ୱଙ୍କୁ ଅଣଦେଖା କରାଯାଉଛି ଏବଂ ସରକାର ଦିଲ୍ଲୀରୁ ଜି ମୋଡ଼୍ କଂଟ୍ରୋଲରେ ଚାଲିଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି । ନିଯୁକ୍ତି ସୁଦୃଢ଼ କରିବା ପାଇଁ ଏବଂ ପରିବାରମାନଙ୍କରେ ଆର୍ଥିକ ଚାପ ଲାଘବ କରିବା ପାଇଁ କଂଗ୍ରେସ ଏହାର ଲକ୍ଷ୍ୟାହାରରେ ବିଭିନ୍ନ ପଦକ୍ଷେପ ଘୋଷଣା କରିଛି । ରାଜ୍ୟର ବେକାର ଯୁବକଙ୍କୁ ଦଳ ମାସିକ ୨ ହଜାର ଟଙ୍କାର ଆର୍ଥିକ ସହାୟତା ଦେବ ଏବଂ ଏଥିସହ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରେ ୩୦ ହଜାର ନୂଆ ଚାକିରି ସୃଷ୍ଟି ପାଇଁ ଘୋଷଣା କରିଛି । ମହିଳାଙ୍କ କଲ୍ୟାଣ ପାଇଁ ଦଳ ପୁଡୁଚେରୀରେ ମାଗଣା ବସ୍ ଯାତ୍ରାର ପ୍ରତିଶ୍ରୁତି ଦେଇଛି । ଦଳ ମଧ୍ୟ ସରକାରୀ ଚାକିରି ପାଇଁ ବୟସ ସୀମା ୪୦ ପର୍ଯ୍ୟନ୍ତ ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଛି । କେନ୍ଦ୍ରଶାସିତ ଅଂଚଳରେ ପ୍ରତି ପରିବାରକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦଳ ୨୦ ଲକ୍ଷ ଟଙ୍କାର ବୀମା ସୁବିଧା ଦେବ ବୋଲି ଘୋଷଣା କରିଛି । ବିଜେପିକୁ ଟାର୍ଗେଟ୍ କରି ରାହୁଲ ଅଭିଯୋଗ କରିଛନ୍ତି ଯେ, ଏହା ପୁଡୁଚେରୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବାରେ ବିପକ୍ଷ ଦୋଇଛି । ସ୍ଥାନୀୟ ନେତୃତ୍ୱଦ୍ୱନ୍ଦ୍ୱ ବାଦ୍ ଦେଇ ପୁଡୁଚେରୀ ଏବେ ଦିଲ୍ଲୀରୁ ରିମୋଟ୍ କଂଟ୍ରୋଲରେ ଚାଲୁଛି ବୋଲି ସେ କହିଛନ୍ତି ।

ଆମେରିକା-ଇସ୍ରାଏଲ ଆକ୍ରମଣ : ଆଇଆରଜିସିର ଗୁପ୍ତଚର ମୁଖ୍ୟ ମାଜିଦ ଖାଦେମିଙ୍କ ମୃତ୍ୟୁ

କୁଆଦିଲ୍ଲୀ, ୬/୪(ନ୍ୟୁ.ଏ): ଭାରାନରେ ଆଜି ଠାରୁ ଆକ୍ରମଣକୁ ଆହୁରି ତୀବ୍ର କରିଛନ୍ତି ଆମେରିକା ଓ ଇସ୍ରାଏଲ । ଆଜି ସକାଳୁ ବୁଲ ଦେଶ ମିନିଟ ଭାବେ ଭାରାନର ଅନେକ ସ୍ଥାନରେ କରିଛନ୍ତି ଏୟାର ଷ୍ଟ୍ରାଇକ । ଏଥିରେ ଭାରାନର ପାରାମିଲିଟାରୀ ରେଭୋଲୁସେନାରୀ ଗାର୍ଡ଼ ଜୁନ୍ ବା ଆଇଆରଜିସିର ଗୁପ୍ତଚର ମୁଖ୍ୟ ମାଜିଦ ଖାଦେମିଙ୍କ ମୃତ୍ୟୁ ଘଟିଛି । ଏଥିସହ ଆଜ ୨୪ ଜଣ ମଧ୍ୟ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିବା ଆଇଆରଜିସି ପକ୍ଷରୁ କୁହାଯାଇଛି । ଆଇଆରଜିସି ନିଜ ଗୁପ୍ତଚର ମୁଖ୍ୟ ମାଜିଦଙ୍କ ନିହତ ଖବରକୁ ନିଷିଦ୍ଧ କରିଥିଲେ ଯେଁ ଜେଓଟି ସେ ଆଖି ବୁଜିକେ ସେଲଆ କରିନି । କିନ୍ତୁ ଭାରାନର ରାଜଧାନୀ ତେହରାନର ଆଖପାଖ ଅଂଚଳରେ ଥିବା ଆରାଗିଜ ଅଂଚଳରେ ଆଜି ସକାଳୁ ହୋଇଥିବା ଏୟାର ଷ୍ଟ୍ରାଇକରେ ମାଜିଦ ଆଖି ବୁଜିଥିବା କୁହାଯାଉଛି । ଆଇଆରଜିସି ନିଜ ଟେଲିଗ୍ରାମ ଚ୍ୟାନେଲରେ କହିଛି ଯେ "ଇସଲାମିକ ରେଭୋଲୁସେନାରୀ ଗାର୍ଡସ କ୍ରୁ(ଆଇଆରଜିସି) ଗୁପ୍ତଚର ସଂଗଠନର ଶକ୍ତିଶାଳୀ ଓ ଶିକ୍ଷା ପ୍ରମୁଖ ମୋଜର ଜେନେରାଲ ମାଜିଦ ଖାଦେମି ଆଜି ଭୋରରୁ ଆମେରିକା-ଇହୁଦୀ ଶତ୍ରୁ ଦ୍ୱାରା କରାଯାଇଥିବା ଅପରାଧିକ ଆତଙ୍କବାଦୀ ହମଲାରେ ସହିଦ ହୋଇ ଯାଇଛନ୍ତି ।" ଜେନେରାଲ ମହମ୍ମଦ ଲାଜେମିଙ୍କ ସ୍ଥାନରେ ମାଜିଦ ଗୁପ୍ତଚର ମୁଖ୍ୟ ହୋଇଥିଲେ । ଜୁନ ମାସରେ ୧୨ ଦିନ ଧରି ଆମେରିକା-ଇସ୍ରାଏଲ ସହ ଚାଲିଥିବା ଯୁଦ୍ଧ ବେଳେ ଲାଜେମିଙ୍କ ମୃତ୍ୟୁ ଘଟିଥିଲା । ଏବେ ମାଜିଦ ନିହତ ହୋଇଛନ୍ତି । ପ୍ରଜାନ୍ତ ଗଣମାଧ୍ୟମର ସୂତ୍ରନା ଅନୁସାରେ, ସୋମବାର ଆମେରିକା-ଇସ୍ରାଏଲ ପକ୍ଷରୁ ଇରାନ ଏୟାର ଷ୍ଟ୍ରାଇକ ଜରାଯାଇଥିବାରୁ ୨୫ ଜଣ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି । ଆବାସିଲ ଅଂଚଳରେ ଏୟାର ଷ୍ଟ୍ରାଇକ ହୋଇଥିବାରୁ ଏତେ ବଡ଼ ଘଟଣା ଘଟିଛି । ଭାରାନ ପକ୍ଷରୁ ମଧ୍ୟ ଏହାର ଜବାବରେ ମିସାଇଲ ମାଡ଼ କରାଯାଇଥିବା ଭାରାନୀୟ ଗଣମାଧ୍ୟମ ଦାବି କରିଛି । ଗୋଟିଏ ପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରାନକୁ ନାଲି ଆଖି ଦେଖାଇ ମଙ୍ଗଳବାର ରାତି ୮ଟା ସୁଦ୍ଧା ଷ୍ଟେଟ ଅଫ ମୁଭିଂ ଖୋଲିଦିବାକୁ କହିଛନ୍ତି । ଏହାକୁ ଭାରାନ କଟାଣ କରୁଥିବା ବେଳେ ଆଜି ସକାଳୁ ଇସ୍ରାଏଲ ସହ ମିଶି ତେହରାନରେ ଆମେରିକା ଆକ୍ରମଣକୁ ତୀବ୍ର କରିଛି । ତେଣୁ ଆଗକୁ ସ୍ଥିତି ଆହୁରି ଭୀଷଣ ହେବାର ଆଶଙ୍କା ପ୍ରକାଶ ପାଇଛି ।

ପଶ୍ଚିମବଙ୍ଗ ମୁଖ୍ୟ ସଚିବଙ୍କ ଉପରେ ବର୍ଷିଲେ ସୁପ୍ରିମ୍‌କୋର୍ଟ



କୋଲକାତା, ୬/୪(ନ୍ୟୁ.ଏ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଅବ୍ୟବସ୍ଥିତ ପୂର୍ବରୁ ନିର୍ବାଚନ କମିସନଙ୍କ ଦ୍ୱାରା ନିଯୁକ୍ତ ପଶ୍ଚିମବଙ୍ଗର ମୁଖ୍ୟ ସଚିବ ଏବଂ ରାଜ୍ୟର ଶୀର୍ଷ ଅମଲାଙ୍କୁ ଆଜି ସୁପ୍ରିମ୍‌କୋର୍ଟ କଡ଼ା ଭର୍ତ୍ସନା କରିଛନ୍ତି । ଗତ ସପ୍ତାହରେ ମାଲଦାରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ ଘେରାଉ ସମୟରେ କଲିକତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଫୋନ୍ କଲ୍ ସେ ରିସିଭ୍ କରିନଥିବାରୁ ଆଜି ସୁପ୍ରିମ୍‌କୋର୍ଟ ତାଙ୍କ ଉପରେ ତୀବ୍ର ବର୍ଷିଛନ୍ତି । ମୁଖ୍ୟ ସଚିବ ଦୁଷ୍ମନ୍ତ ନାରିୟାଲ ଆଜି କୋର୍ଟରେ କହିଥିଲେ ଯେ, ସେ ବିମାନରେ ଥିଲେ ଏବଂ କୌଣସି ଫୋନ୍‌କଲ୍ ପାଇନଥିଲେ । ତାଙ୍କ ଆଇନଜୀବୀ ଘଟଣା ସଂକ୍ରାନ୍ତରେ ବର୍ଣ୍ଣନା କରିବା ସମୟରେ ବିଚାରପତି ବିରକ୍ତି ଭାବ ଦେଖାଇ କହିଥିଲେ, ଦୟାକରି ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରନା । ଉଲ୍ଲେଖଯୋଗ୍ୟ ଯେ, ଦୁଷ୍ମନ୍ତ ନାରିୟାଲଙ୍କୁ ଗତ ସପ୍ତାହରେ ନିର୍ବାଚନ କମିସନ ନନ୍ଦିଗ୍ରାମ ଚକୁଦର୍ତ୍ତାଙ୍କ ସ୍ଥାନରେ ମୁଖ୍ୟ ସଚିବ ଭାବେ ନିଯୁକ୍ତ କରିଥିଲେ । ଏପ୍ରିଲ ୧ ତାରିଖରେ ମାଲଦାରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖାଯିବା ସମୟରେ ସେ ଦାୟିତ୍ୱରେ ଥିଲେ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ମାଲଦା ଘଟଣାକୁ ଯୋଜନାବଦ୍ଧ ଓ ଉଦ୍ଦେଶ୍ୟମୂଳକ କହିଛନ୍ତି । କୋର୍ଟ କହିଛନ୍ତି, ଏହି ମାମଲାରେ ସ୍ଥାନୀୟ ପୁଲିସ ଉପରେ ବିଶ୍ୱାସ କରାଯାଇପାରିବନି । ଘଟଣାରେ ଏନ୍‌ଆଇଏ ତଦନ୍ତ ପାଇଁ ଏବଂ ଗିରଫ ହୋଇଥିବା ୨୬ ଜଣଙ୍କୁ ଏନ୍‌ଆଇଏ ହେରା କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଶୀଘ୍ରଣିଆ ଖଣ୍ଡପୀଠର ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଆଜି ମୁଖ୍ୟ ସଚିବଙ୍କ ଉପରେ ବର୍ଷି କହିଛନ୍ତି, ଆପଣଙ୍କ ସୁରକ୍ଷା ଏତେ ଉଚ୍ଚରେ କରନା । ଉଲ୍ଲେଖଯୋଗ୍ୟ ଯେ, ଦୁଷ୍ମନ୍ତ ନାରିୟାଲଙ୍କୁ ଗତ ସପ୍ତାହରେ ନିର୍ବାଚନ କମିସନ ନନ୍ଦିଗ୍ରାମ ଚକୁଦର୍ତ୍ତାଙ୍କ ସ୍ଥାନରେ ମୁଖ୍ୟ ସଚିବ ଭାବେ ନିଯୁକ୍ତ କରିଥିଲେ । ଏପ୍ରିଲ ୧ ତାରିଖରେ ମାଲଦାରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ ଜବ୍ ବିଚାର ନାହିଁନ୍ତି । ଏହାପରେ ମୁଖ୍ୟ ସଚିବ କହିଥିଲେ ଯେ, ମୋ ଫୋନ୍‌କୁ କୌଣସି ଅଧିକାରୀଙ୍କ ଫୋନ୍ ଆସିନଥିଲା । ମୁଁ ଏକ ବୈଠକ ପାଇଁ ଦିଲ୍ଲୀ ଆସିଥିଲି । ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ମୁଁ ଏକ ବିମାନରେ ଥିଲି । ଏହାପରେ ବିଚାରପତି କହିଥିଲେ ଯେ, ଯଦି ଆପଣ ମୋବାଇଲ୍ ନମ୍ବର ଓ ଅନ୍ୟାନ୍ୟ ବିବରଣୀ ସେୟାର କରିଥାନ୍ତେ ତେବେ ଆପଣ ସଂଖ୍ୟାରୁ ଫୋନ୍ ପାଇଥାନ୍ତେ । ଏହାପରେ ଅଧିକାରୀ କ୍ଷମା ପ୍ରାର୍ଥନା କରିବାରୁ ଜଷ୍ଟିସ ବାଗଚୀ କହିଲେ, କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ କ୍ଷମା ମାଗ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, ଏଥା ଆପଣ ଓ ଆପଣଙ୍କ ପ୍ରଶାସନ ଉଭୟଙ୍କର ସମ୍ପୂର୍ଣ୍ଣ ବିଫଳତା । ଆପଣଙ୍କ କାର୍ଯ୍ୟାନୁଷ୍ଠାନ ଅଭାବରୁ, ଭାରତୀୟ ନିର୍ବାଚନ କମିସନ ଅସୁବିଧାର ସମ୍ମୁଖୀନ ହୋଇଛି । ଆପଣ ଭାରତୀୟ ନିର୍ବାଚନ କମିସନଙ୍କ ସହିତ ଯୋଗାଯୋଗ କରୁନାହାନ୍ତି, ଯାହା ଏଭଳି ଜରୁରିକାଳୀନ ପରିସ୍ଥିତିରେ ଆପଣଙ୍କୁ ନିର୍ଦ୍ଦେଶ ଦେବାର ଦାୟିତ୍ୱରେ ଅଛି ଏବଂ ଏହାଦ୍ୱାରା ରାଜ୍ୟରେ ଏତେ ଅସୁବିଧା ଓ ଅଶାନ୍ତି ସୃଷ୍ଟି ହେଉଛି । ଏହା କି ପ୍ରକାରର ବିଶ୍ୱସନୀୟତା ବୋଲି ପ୍ରଧାନ ବିଚାରପତି ପ୍ରଶ୍ନ କରିଛନ୍ତି ।

ୟୁସିସି, 'ଏକ ଦେଶ, ଏକ ନିର୍ବାଚନ'କୁ ପ୍ରସଙ୍ଗ କଲେ ମୋଦୀ

କୁଆଦିଲ୍ଲୀ, ୬/୪(ନ୍ୟୁ.ଏ): ୨୦୨୬ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଏବେ ଜୋରସୋରରେ ଚାଲିଛି । ଏପ୍ରିଲ ୯ରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ହେବାର ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ଦେଖାଲୁ ପ୍ରଚାର କରୁଛନ୍ତି । ଏହି ଅବସରରେ ଆସାମର ଚାରାପେଟାରେ ଏକ ରାଲିକୁ ସମ୍ବୋଧିତ କରି ସେ ସୋମବାର ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରିବାକୁ ସମସ୍ତ ରାଜନୈତିକ ଦଳକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ମହିଳାଙ୍କ ଅଧିକା